ଝୁଯୁପଥ

ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ

Digitized by srujanika@gmail.com

ଛାୟାପଥ
୨

ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ

ବାଣୀ ନିକେତନ
ବା ଲୁ ବ ଜା ର,
କଟକ-୨

Digitized by srujanika@gmail.com

ଛାୟାପଥ

ଲେଖକ :
ଶ୍ରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ
କବି କୁଟୀର
ଖାମପୁର, ବାଣପୁର

ପ୍ରକାଶକ :
ବାଣୀ ନିକେତନ
ବାଲୁବଜାର,
କଟକ-୭୫୩୦୦୨
ପ୍ରଥମ ସଂସ୍କରଣ :
୧୯୮୪

ମୁଦ୍ରଣ :
ସତ୍ୟବ୍ରତ ପ୍ରେସ
ପିଠାପୁର, କଟକ-୭୫୩୦୦୧

ମୂଲ୍ୟ : ଟ ୭-୦୦

Digitized by srujanika@gmail.com

ସୂଚୀ

ବିଷୟ		ପୃଷ୍ଠା
ସାଗର-ତୀରେ	—	୧
ଜୀବନ ସାରା ରହିବ ସ୍ମୃତି	—	୩
କୃଷକ ସମାଧି ?	—	୫
ରକ୍ତରେ ଜୀବନ !	—	୭
ଦୂର କରୁ ନୁହ	—	୮
ସରୋଜବାଳା	—	୯
ଜସ୍ମୀ ରାଜଗୁରୁଙ୍କ ଉଦ୍ଦାତ୍ତ ବାଣୀ	—	୧୨
ସୈନିକ ସମାଧି	—	୨୦
ବହୁଦୂରେ	—	୨୭
କାହାର ଏ ଦୁଇଗୋଟି ପିଲା ?	—	୩୧
ନିର୍ଯ୍ୟାତିତର ଆତ୍ମବିଳାପ	—	୩୩
ହେ ମୋର ମଣିଷ !	—	୩୮
ସ୍ଥାନାନ୍ତର	—	୪୦
ନାରୀର ବିଶ୍ୱାସ !	—	୪୪
ମୁଁ ତୁମକୁ ନମସ୍କାର କରୁଛି !	—	୪୫
ଯିବନି ଯିବନି ଫେରି !	—	୪୮
କେଉଁ ଅନ୍ଧାରେ ଭୁଲ ବାନ୍ଧି ତୁମ ତରଣୀ !	—	୫୦
ସମ୍ରାଟ ଓ ଫକୀର	—	୫୨
ପଢ଼ିଛ ଏ ଶ୍ରମିକଟି ଶୋଇ !	—	୫୪
ସମାଧି ମନ୍ଦିର	—	୫୭
ସାଧକର ସ୍ୱପ୍ନ	—	୬୦

Digitized by srujanika@gmail.com

ମୁଁ ଗୋ ଶୁଣୁଥିବ ଜଳ-କଳ-ରବ !	—	୬୨
ମାଟି ସରଗ	—	୬୬
ମୁଁ	—	୭୧
ଯୁଦ୍ଧଯାତ୍ରୀ	—	୭୨
ଗୋଲଦାସ	—	୭୪
ହତଭାଗ୍ୟ ସେଲ	—	୮୧
ସେ ମାଟିକ ମଣିଷର ମାଟି !	—	୮୨
ସ୍ୱାଧୀନତା	—	୮୫

Digitized by srujanika@gmail.com

ସାଗର-ତୀରେ

ସାଗର-ତୀରେ ମୁହିଁ ଯେ, ଶୁଣିଲେ
ନୀରବେ ଗୀତ ଗାଇ,
କି ଗୀତ ଗାଏ କାହାର ଲାଗି
ନିମେଷେ ଜାଣେ ନାହିଁ ।

ଊର୍ମି ପରେ ଊର୍ମି ଆସେ
ନଚୁଇ ବେଳାଭୂଇଁ,
କାହିଁକି ଆସେ କାହିଁକି ଯାଏ
ସବୁରେ ଛୁଇଁ ଛୁଇଁ ।

ଆସିବା ଯିବା ଲାଗିଛି ତା'ର
ଅସୀମ ଯୁଗ ଧରି,
କେତେ ସେ ଖେଳ ସୋହାଗେ ଖେଳେ
ପାଗଳ ଜଳ ଭଳି ।

କେବଣ ମହା- ଅସୀମ ପୁରୁ
ଆସଇ ନାଚି ନାଚି,
ଏ ବେଳା ଶିରେ ଢାଳଇ ବୁଣି
ମୁକୁତା-ରତ୍ନରାଜି ।

କି ମହାଗୁରୁ ଗମ୍ଭୀର ଗୀତି
ଗାଏ ସେ ନିତି ନିତି,
କାହାରେ ଢାଏ ବକ୍ଷ ଭରି—
ଯେସ୍ନେହ ସୁଧା ପ୍ରୀତି ।

Digitized by srujanika@gmail.com

କାହାର ଲାଗି ଉଚ୍ଛୁଳି ଉଠେ
କି ମଧୁ-ତାନ ଧରି !
କାହୁଁ ସେ ଆସେ କାହିଁ ସେ ଯାଏ
ନ ପାରେ ମୁଁ ଯେ ଧରି ।

ଏଇ ଯେ, ଆସେ ଏଇ ଯେ, ଯାଏ
ଏଇ ଯେ, ପୁଣି ଆସେ,
ଅସୀମୁ ଆସି ଅସୀମ କୋଳେ
ପୁଣି ସେ, ଯାଇ ମିଶେ ।

ଅସୀମ କୋଳୁ ଆସିଛୁ ମୁହିଁ
ଊର୍ମିଟିଏ ପରି,
ଅସୀମ କୋଳେ ଯିବ ମୁଁ ମିଶି
ମୋ ଲୀଳା ଖେଳା କରି ।

ମୁକୁତା ଚୂନା ଯିବ ମୁଁ ବୁଣି
ଏଇ ସାଗର-ତଟରେ,
ଆସିବ ଯିବ ବାଳପୁ ମୋର
ନାଇଁ ଏ ବିଶ୍ୱ ତଳେ ।

Digitized by srujanika@gmail.com

ଜୀବନସାରା ରହିବ ଚାହିଁ

ଦେଖିବି ତା'ରେ ବୁଝିବି ତା'ରେ ଡାକିବି କେତେ ଆକୁଳ ମନେ
କେତେ ଯେ ଦିବା ଯାମିନୀ ମୋର କଟିବ ତା'ର ଅନ୍ୱେଷଣ ।
ଅଶ୍ରୁ କେତେ ଝରିବ ମୋର ତାହାରି ପାଇଁ ନ ପାରେ କଳି
ଡାକିବି ତା'ରେ ପାଗଳ ପରି ବକ୍ଷଭରି ସେନେହ ଭରି ।
ନିଶୀଥ ନଭେ ଚାହିଁବି କେତେ ଚାହିଁବି ଶ୍ୟାମ କେଦାର ମାନେ
ଜ୍ୟୋସ୍ନାରାତେ ବୁଲିବି କେତେ ନୟନଭରି ଅଶ୍ରୁଧାରେ ।

ମୋ ବୁକୁ ତଳେ ଜାଗିବ ସେହୁ ମଳୟସମ ମୁଗ୍ଧ କରି
ଯୁଆଡ଼େ ଯାଏ, ଯୁଆଡ଼େ ଚାହେଁ, ଆକୁଳେ ଡାକେ ମୁଁ କେତେ ଭଳି ।
ଜାଣେନା ମୁହିଁ ମୋ ବାଣୀ ସେହୁ ନୀରବ ଧ୍ୟାନେ ଶୁଣେ କି ନାହିଁ ?
ଜାଣେନା ସେହୁ ଆକୁଳ କେବେ ହୁଏ କି ନାହିଁ ମୋହରି ପାଇଁ;
ଜାଣେନା ମୁହିଁ ବୁଝେ କି ନାହିଁ ମୋହରି ଏ ଯେ ବକ୍ଷ-ବ୍ୟଥା
ଜାଣେନା ମୁହିଁ; ମୋରେ ସେ କେବେ ଦେଖାଏ ଅବା ନର୍ମମତା ।

ତା' ଓଠୁ କିବା ମାଧୁରୀ ଫୁଟେ, ନୟନୁ ଛୁଟେ ମୁଗ୍ଧ ଜ୍ୟୋତି
ସୃଷ୍ଟି ପରେ ସକଳ ଶୋଭା ଊଣା ତା'ର ଜୀବନ ଗୋଟି ।
ହସିଲେ ସେହୁ ହସଇ ଅବା ଆକାଶ ଗ୍ରହ ଚନ୍ଦ୍ର ତାରା
ତା' ବୁକୁ ତଳ ବୁଝଇ ଅବା ନିଃସ୍ୱ ପ୍ରାଣ ବକ୍ଷଭରା ।
ଦେଖିବି ତା'ରେ, ବୁଝିବି ତା'ରେ, ଡାକିବି କେତେ ଆକୁଳ-ମନେ
କେତେ ଯେ ଦିବା ଯାମିନୀ ମୋର କଟିଛି ତା'ର ଅନ୍ୱେଷଣେ ।

Digitized by srujanika@gmail.com

ଜୀବନ ସାରା ରହିଛି ଚାହିଁ ତାହାର ମଧୁ ସ୍ପର୍ଶ ପାଇଁ
କେତେ ଯେ ବର୍ଷ କେତେ ଯେ ମାସ ଝୁରିବେ ମୋର ବିତଇ ନାହିଁ ?
ଲକ୍ଷ ବାଧା ଆସିବ ମୋର ଜୀବନ ହେବ ଦୁଃଖମୟ
ଦୁନିଆଟାରେ ପାଇବ ମୁହିଁ କ୍ଲିଷ୍ଟ କେତେ ଯେ ପରାଜୟ ।
ନିଠୁର କରି ଧରଣୀ ମତେ ଚରଣ ତଳେ ଆଡ଼େଇ ଦବ
ତୁହିଁରେ ମୋର ନାଇଁରେ ନାହିଁ ଟିକିଏ ହେଲେ ଅଗୌରବ ।

ଯେ'ଦିନ ସେହି ଅଧର ଫେଇ କହିବ ମତେ ମଧୁର ବାଣୀ
ଯେ'ଦିନ ସେହି ବକ୍ଷ ଚିରି ମୋ ପାଇଁ ଦେବ ସେନେହ ଆଣି ।
ଯେ' ଦିନ ସେହି ଚାହିଁବ ମତେ ଅମୃତର ଚାହାଣୀ ଢାଳି
ଯେ' ଦିନ ସେହି ବୁଝିବ ମୋର ବକ୍ଷବ୍ୟଥା ନିଜର ଭାଳି ।
ସେ ଦିନ ମୋର ବକ୍ଷ ତଳେ ବହିବ କିବା ଫଲ୍‌ଗୁ ଧାରା
ସେ ଦିନ ପାଇଁ ରହିଛି ଚାହିଁ ଝୁରିବେ ମୋର ଚକ୍ଷୁ ତାରା ।

ଅମୃତର ଜୀବନେ ତା'ର ପଡ଼ିବ ମୁହିଁ ସରାଗେ ଢଳି
ଅନନ୍ତର ବିପୁଳ ଶୋଭା ବକ୍ଷେ ମୋର ଉଠିବ ଭରି ।
ତାହାର ଆଶେ ଚାଲିଛି ମୁହିଁ ସୁଦୂର ପଥେ ଲକ୍ଷ୍ୟ ରଖି
ସେ ଚିର ଯଉବନା ଯେ ମୋର କାମ୍ୟ—ମୋର ଜୀବନ ସଖା ।
ଜୀବନ ସାରା ରହିଛି ଚାହିଁ, ତାହାରି ମଧୁ ସ୍ପର୍ଶ ପାଇଁ
କେତେ ଯେ ବର୍ଷ କେତେ ଯେ ମାସ ତାହାରି ଲାଗି ବିତଇ ନାହିଁ ।

Digitized by srujanika@gmail.com

କୃଷକ ସମାଧି ?

ସତୁରି ବରଷ ବୃଦ୍ଧ କୃଷକ ଏ ମାଟି ଉପରେ ହୋଇଚି ପୋଡ଼ା
ତାହା ପାଇଁ କଏ ଭାଳିନ ନମେଷେ, ସମାଧି-ଦେଉଳ ହୋଇନ ତୋଳା ।
ଧାନ ସେ କାଟିଚି, ଶଗଡ଼ ବୋହିଚି ବଳମାନେ ଖରା ବରଷା ସହି,
ହଳ ସେ କରିଚି ଜୀବନ ତମାମ ପର ପାଇଁ କୋଟି ମମତା ବହି !
ଚିରା ଲେଙ୍ଗୋଡ଼ା ବସନ ଭୂଷଣ, ସାମାନ୍ୟ ଶାଗ ପଖାଳ ଖାଇ,
ଧରଣୀ ପାଇଁକି ରକ୍ତ ଦେଇଚି, ତାହା କଥା କେହି ଭାଳଇ ନାହିଁ !
ମୃତ୍ୟୁ ସେ'ଦିନ ଦୁଆରେ ତାହାର ଡାକିଲା ମାରିବେ ପ୍ରଥମ କରି,
ସତୁରି ବରଷ ବୃଦ୍ଧ କୃଷକ ମରଣ ବୁକୁରେ ପଡ଼ିଲା ଢଳି;
ସତୁରି ବରଷ ବୃଦ୍ଧ କୃଷକ ଏଇ ମାଟି ପରେ ହୋଇଚି ପୋଡ଼ା,
ତାହା ପାଇଁ କଏ ଭାଳିନ ନମେଷେ ସମାଧି ଦେଉଳ ହୋଇନ ତୋଳା ।

ଏଇ ଦେଖ ଏଇ ମଶାଣି ଭୂଇଁରେ ଧଳା ମାର୍ବଲ ପଥର ପରେ,
ଖୋଳା ହୋଇଅଛି କାହାର ନାଆଁଟି, ଦାଉ ଦାଉ ରବି କରଣେ ଜଳେ;
କେତେ ଢର ସେହୁ ବୁଡ଼ାଇ ଦେଇଚି ପଥର ଭିକାରି କାହାରେ କରି,
ଘରଡ଼ିହ କା'ର ନେଇ ତା' ଉପରେ ସଉଧ ତୋଳିଚି ପାହାଡ଼ ପରି;
ଏଇ ଯେ ଦେଖୁଚ ନଈ ଏ ପା'ରିରେ ଦେଉଳ ପରିଏ ସମାଧି କା'ର,
ଥିଲା ସେ ଆମରି ସାତ ପାଟଣାରେ ନାମଜାଦା ଜଣେ ସାଉକାର;
କେତେ ରୂପବନ୍ତୀ ତରୁଣୀବାଳାରେ ଅଭିଗମି କରି ଗୁଡ଼ିନ ପଥେ,
ଗାଆଁରେ ଗାଆଁରେ ଭାଇ ବଣ୍ଡଗାରେ ଭିଆଇନ କଳ ସେ ଅବିରତେ;
ସତୁରି ବରଷ ବୃଦ୍ଧ କୃଷକ ଏଇ ମାଟି ପରେ ହୋଇଚି ପୋଡ଼ା,
ତାହା ପାଇଁ କଏ ଭାଳିନ ନମିଷେ, ସମାଧି ଦେଉଳ ହୋଇନ ତୋଳା ।

ସତୁରି ବରଷ ବୃଦ୍ଧ କୃଷକ କାମ କରି କରି ପାଚିଛି ବାଳ,
ସୁଖେ ଓ ଦୁଃଖେ ବଞ୍ଚି ଆସିଛି ତୁଣ୍ଡରେ ମାରି ମୁଣ୍ଡଝାଳ;
ଗୋଟିଏ ଓଳି ସେ ବସିରହି ନାହିଁ, ମାଗିଖାଇ ନାହିଁ ଖାଇଛି ଲଗି,
ଗରିବ କୁଟୀରେ ଜନମ ତାହାର ଗରିବ କୁଟୀରେ ଯାଇଚି ତ୍ୟାଗି;

Digitized by srujanika@gmail.com

ଶ୍ମଶାନେ ତାର ଶବ ଗଲାବେଳେ, ଶବ ପଛେ ପଛେ ଯାଇନି କେହି,
ଏଇ ଯେ ଦେଖୁଛ ଧଳା ଧଳା କୋଠା ମୋଟା ମୋଟା ଲୋକ ରହିଚି ନେଇ—
ଏଇ ଘର ପାଇଁ କାଆମ କରିଚି, ବିପଦ ବେଳେ ସେ ହୋଇଚି ସାହା,
ଏ ଜାତି ସହିତ ଜଡ଼ିତ ନୁହେଁ ସେ ? ପକାଏନି କେହି ତା'ର ନାଁ !
ସତୁରି ବରଷ ବୃଦ୍ଧ କୃଷକ କାମ କରି କରି ପାଚିଛି ବାଳ,
ସୁଖେ ଓ ଦୁଃଖେ ବଞ୍ଚି ଆସିଚି ତୁଣ୍ଡରେ ମାରି ମୁଣ୍ଡଖାଳ !

ସତୁରି ବରଷ ବୃଦ୍ଧ କୃଷକ ଗରିବ ଗରିବ ଗରିବ ଅତି,
ଗୁଳିଯାଇ ନାଇଁ ଫେରି ଲମ୍ବାଇ, ଶିରେ ତୋଳି ଦିନେ କନକ ଛତି !
ଛନ୍ଦ କପଟ ବହି ବୁକୁତଳେ କହି ନାଇଁ କେବେ କାହାରେ କଥା,
ଦେଇ ନାଇଁ କେବେ କାହାରି ଜୀବନେ ନିମିଷକ ପାଇଁ ତିଳେକ ବ୍ୟଥା !
କାନ୍ଦି ଉଠିଚି ବୁକୁତଳ ତା'ର ବିପଦ ଆପଦ ପଡ଼ିଲେ ଗାଏଁ,
ଯେତେ ଦୁଃଖରେ, ରହିଥିଲେ ହେଁ ତ ପର ପାଇଁ ପ୍ରତି ପଲକେ ଧାଏଁ;
ଓଠରୁ ଫୁଟଇ ସରସ ବଚନ, ଅନ୍ତରେ ତାର ସତ୍ୟ ଲୋଳେ,
ଆପଣାରୁ ବଳି ଆପଣାର କରି ଧରଣୀକୁ ଦେଖେ ନୟନ ଡୋଳେ ।
ସତୁରି ବରଷ ବୃଦ୍ଧ କୃଷକ ଗରିବ ଗରିବ ଗରିବ ଅତି,
ଗୁଳିଯାଇ ନାଇଁ ଫେରି ଲମ୍ବାଇ, ଶିରେ ତୋଳି ଦିନେ କନକ ଛତି !

ଗରିବ କୁଟୀରେ ଜନମ ହୋଇଚି ଗରିବ କୁଟୀରେ ଖେଳିଚି ଖେଳ,
ଗରିବ କୁଟୀରେ ତିଆଗି ଯାଇଚି, ଆସିଲା ଯେ ଦିନ ମରଣ ବେଳ;
ରାଜାର ହର୍ମ୍ୟ ନୁହେଁ ତାହା ସରି ମଠ ଦେବାଳୟ ନୁହେଁ ତା ସମ
ସବୁ ଭିତରେ ତା ଜୀର୍ଣ୍ଣ କୁଟୀର ଏ ଜାତିର ପ୍ରିୟ ପୂଜ୍ୟତମ;
ବିଶ୍ୱ ଜନତା ! ଏଇ ଯେ ଦେଖୁଚ ମୁକ୍ତ ମଶାଣିପଦାରେ ତମେ
ମୁଠିଏ ପାଉଁଶ ହାଡ଼ ଗୋଟି ଗୋଟି, ମହାତ୍ମା ଏଥି ଶୋଇନି ଜଣେ ?
ସମ୍ମାନ ଦିଅ ଗଉରବ ଦିଅ ! ସ୍ମୃତି ମନ୍ଦିର ନ ଥାଉ ତା'ର
ଏ ଜାତି ବାଣୀରେ ତା' ଜୀବନ ଗୀତି ଫୁଟୁଥିବ କୋଟି ବରଷ କାଳ;
ଗରିବ କୁଟୀରେ ଜନମ ତାହାର ଗରିବ କୁଟୀରେ ଖେଳିଚି ଖେଳ
ଗରିବ କୁଟୀରେ ତିଆରି ଯାଇଚି ଆସିଲା ଯେ' ଦିନ ମରଣ ବେଳ ।

Digitized by srujanika@gmail.com

ରହରେ ଜୀବନ !

ପଦେ ପଦେ ଖେଳନାହିଁ ଶ୍ୟାମଳ ମାଧୁରୀ
ଫୁଲରୁ ଫୁଲକୁ ଅଳି ଆସିନାଇଁ ବୁଲି ।

ପଲ୍ଲବ ଗହଳେ କେଉଁ ବିଜନ ବିପିନେ
କୋଇଲି ତା' କୁହୁତାନ ମେଲିନାଇଁ ବନେ ।

ବସନ୍ତ ମାଧୁରୀ ଯେବେ ଆସିନି ସମୟ
ବହିନାଇଁ ମୃଦୁମନ୍ଦେ ମନ୍ଥର ମଳୟ ।

ଟପ ଟପ ଶ୍ୟାମ ଘାସେ ପଡ଼ିନି କାକର
ଝରଣାଟି ବଣବୁଦା ତଳେ ଝର ଝର—

ଗୀତଟି ମରବେ ଗାଇ ଯାଇନାଇଁ ବହି
କେଉଁ ଶିଳା ତଳେ ତଳେ ଲବେ ରହି ରହି !

ହଳଦୀ ବସନ୍ତ ବୁଲି ତରୁ ଶାଖା ପରେ
ହେମକାନ୍ତ ଶୋଭା ନାଇଁ ଖେଳାଏ ନିଶ୍ଚଳେ !

ଆସିବ ଆସିବ ଦିନେ ରହରେ ଜୀବନ
ଫୁଟିବ ତୋ ହୃଦୟର ମଧୁର ସପନ !

Digitized by srujanika@gmail.com

ଦୂର କାନ୍ତୁ ନୁହ

ଶିଶୁଟିଏ ଚାହିଁ ଚାହିଁ ଚାଲିଯାଏ ମୋରେ
ସୀମାହୀନ ସେନେହର କି ମୋହନ ଡୋରେ
ମତେ ସେ ରଖିଛି ବାନ୍ଧି ! ପୁଣି ଚାହିଁଦିଏ
ମୋହଠୁ ସେ ଜୀବନର କିବା ମିଠା ପିଏ ।

ତଥାପି କାନ୍ଦୁଛି ଚାହିଁ; ତଥାପି ସେ ଲୋଡ଼େ
ଚିର ଦିନ ରହିଥିବ ମୋ ଦରିଦ୍ର କୋଳେ !
ଲୁହ ନେଏ ଚାହିଁଛି ମୁଁ ତାରେ ଖଣ୍ଡେ ଦୂରେ
ପଛକୁ ପଛକୁ ଚାହିଁ ତା' କୁଟୀର ପୁରେ
ଫେରିଯାଏ କାହା ଭୁଲେ । ଚାହେଁ ମୋତେ ଚାହେଁ
ମୋ ଭିତରୁ ସ୍ୱର୍ଗର କି ମଧୁ ସ୍ପର୍ଶ ପାଏ !

ତା ଆଖିରେ ଲୁହ ପୁଣି ଲୁହ ମୋ ଆଖିରେ
ବେନଙ୍କ ଅନ୍ତର ଯାଏ ବେନଙ୍କି ଡାକରେ
ସିଏ ଦୂରେ ମୁହିଁ ଦୂରେ ! ଦୂର କନ୍ତୁ ନୁହ
କଣ୍ଠର ଆକୁଳ ଭାଷା ନୟନର ଲୁହ !

Digitized by srujanika@gmail.com

ସରୋଜବାଳା

ଆମର ଗାଆଁ ର ସରୋଜବାଳା ସେ ରୂପବନ୍ତୀ ଗୁଣବନ୍ତୀ
ରେଙ୍ଗୁନେ କାହିଁ ସାଇଅଛି ତା'ର ପ୍ରାଣ ପ୍ରିୟତମ ପତି;
ଜୀବନରେ କେବେ ଦେଖିଥିଲା ଥରେ ତା ନବୀନ ଯଉବନେ
ସେଇ ପରିଚୟ ସେଇ ଯେନାଯେନ ସବୁଦିନ ପଡେ ମନେ;
ଆଜକୁ ହେଲାଣି ସାତଟି ବରଷ କିବା ସାତଯୁଗ ପରି
ଚିଠି ଆସେ ନାଇଁ, ଦୂରେ ଥାଉ ତା'ର ସ୍ୱାମୀଜେ ଆସିବା ଚଳି;
ଗୁଣୁଥିବ ସରୋଜବାଳା
କେବେ ଆସିବେ ତା' ପ୍ରାଣ ପ୍ରିୟତମ ନୟନୁ ଉଚ୍ଛୁଳେ ଧାର ।

❊ ❊ ❊

ବରଷ ବରଷ ଗୁହିଁ ସେ ରହିଚି ସାଧକ ସାଧନା ପରି
ଅନ୍ତର ତଳେ ଯାପଡିଏ ପରି ପ୍ରିୟ ତାର ଉଠେ ଜଳି;
କେବେ ସେ ମାରବେ କୁଟୀରେ ନବସି ଆଙ୍କଇ ମନେ ମନେ
ପ୍ରିୟ ଭଳି ତା'ର ଏ ମରସାଇଜେ ନାଇଁ ଆନ ଯୁବା ଜଣେ;
ମନେପଡେ କେବେ ବିଶାଳ ଉରସ ଜାନୁଲମ୍ବିତ କର
ମନେପଡେ କେବେ କାନର ଝିଲପି କପୋଳ ଉର୍ଦ୍ଧ୍ୱସ୍ୱଳ;
କହିବାର କେତେ କଥା—
ବାସର ରାତିରେ, ମନେପଡ଼ ମନେ ଆଣଇ ଗଭୀର ବ୍ୟଥା ।
କିଏସେ କହିଲା ସରୋଜର ବର ଆଉ ନାଇଁ ଜୀବନରେ;
ଆନକେ କହିଲା 'କମ୍ପଉ' ଠାରେ ଥିଲା ଛଅମାସ ତଳେ;
ରଥିଆଣୀ ବୁଢ଼ୀ ଆଖି ମଳ ମଳ କହିଲା ଶୁଣିଚ ତମେ
ବମ୍ବାରେ ପଡ଼ି 'ମୁର୍ଗୀ' ସହର ଶୂନ୍ୟ, ନାହିଁଛି ଜଣେ;

Digitized by srujanika@gmail.com

ସରୋଜର ବର ଥିଲା ସେ ସହରେ କିଏ ହେଲା କେ କହିବ ?
ଗ୍ରାମୀବୋଉ କହେ ସତ କି ମଣୁଚ ଜୀବନରେ ଆଉ ଥିବ ?
ସରୋଜ ସକଳ ଶୁଣି
ବିକଳେ ଅଶ୍ରୁ ଦୁଇଟି ଗଡ଼ାଇ ରହିଥାଏ ହୋଇ ତୁନି !

*　　*　　*

ଯଉବନ ଫୁଲ ଦିନୁଦିନ ତା'ର ମଳିନ ଯାଉଛି ପଡ଼ି
ଅଧରେ ଫୁଟୁନି ଆଗପରି ଆଉ କାନ୍ତ ଗୋଲାପ କଳି;
ନୟନେ ନାହିଁ ସେ ମୋହନ ଦୀପ୍ତି, ଅଙ୍ଗେ ନାହିଁ ସେ ରୂପ
ବୁକୁତଳେ ତା'ର ଜଳଇ ନିୟତ ବିରହ-ବେଦନା-ଧୂପ;
ଜୀବନେ ତାହାର ରଙ୍ଗ ଦେବାକୁ ନାହିଁ ତା ଚିତ୍ରକର
ଶୁଷ୍କ; ରୁକ୍ଷ, ଶୀର୍ଣ୍ଣ ଦିଶଇ ଯଉବନ କଳେବର !
ଖୋଜା ହେଲା ଆନ ବର
ସରୋଜ ପୁଣି ଯେ ବନ୍ଧା ହେବ ବୋଲି ଲାଗିଲା ଆଡ଼ମ୍ବର

*　　*　　*

ଯିଏ ଯେତେ ଥିଲେ ସାଇ ପଡ଼ିଶାରେ କହିଲେ କି ଅଛି କ୍ଷତି
କେତେକାଳ ଆଉ ବସି ସେ ରହିବ ବାହା ହେଉ ଆନ ପତି
ଗାଆଁ ଗାଆଁ କେତେ ଖୋଜା ହେଲା ବର, ସରୋଜ ବିକଳ ଅତି
କିଏ ଧନୀ, କିଏ ପଣ୍ଡିତ ଜ୍ଞାନୀ; ଅଛି କା'ର ହାତୀ ଛତି;
ବାଟି ବାଟି କା'ର ସମ୍ପତ୍ତି ଅଛି, ଦ୍ୱିତୀୟ ପକ୍ଷ କିଏ,
ଚଳାବୟସିଆ ତରୁଣ କିଏ ସେ ପାଶ୍ କରିଛି ବି: ଏ:
ପ୍ରସଙ୍ଗ ବଢୁ ଆସେ
ଏ ସବୁରେ ଖାଲି ସରୋଜ ନୟନ ଉଷ୍ଣ ଲୋତକେ ଭାସେ !

*　　*　　*

ସରୋଜ କହିଲା, "ମୋହ ପାଇଁ କିଆଁ ବ୍ୟଥିତ ହଉଛ ତମେ ?
ଯାହାକୁ ପ୍ରଥମେ ବରଣ କରିଛି ସେଇ ମୋର ପ୍ରିୟ ଜଣେ,
ଜୀବନେ ଯାହାକୁ ଆପଣାର କରି ବକ୍ଷ ଶୋଣିତ ଦେଲି
ତାହାକୁ କିଭଳି ଫିଙ୍ଗି ଦୂରରେ ନଉକା ମୁଁ ଦେବି ମେଲି ?

Digitized by srujanika@gmail.com

ଫେରୁ ସେ ନ ଫେରୁ, ଥାଉ ବା ନ ଥାଉ, ସେ ଯେ ମୋର ପ୍ରିୟତମ
ତାହାର ପାଶରେ ସମର୍ପିତ ମୋ ସମସ୍ତ ଯୌବନ !
ସେଇ ଖାଲି ଏକା ଜଣେ
ଫୁଟାଇ ପାରିବ ଲକ୍ଷ କୁସୁମ ମୋ ମରୁ ଗାଇଜ-କଣେ ।

* * *

"କହନା କହନା ମୋରେ ଆଉ କିଛି କହନା କହନା ତମେ
କାହାର କଥା ମୁଁ ପାରିବିନି ଶୁଣି, ତରଳି ଯିବନି କ୍ଷଣେ;
ହିମାଦ୍ରି ଯଦି ମଥା ନତ କରେ, ଶୁଖିଯାଏ ପାରାବାର,
ଅସୀମ ଆକାଶ ମସ୍ତକ ପରେ ହୋଇଗଲେ ଚୂରମାର—
ଟଳିବନି ତିଳେ, ପ୍ରତିଜ୍ଞା ମୋର କଠୋରୁ କଠୋରତର
ସେଇ ମୋର ଧ୍ୟାନ, ସେଇ ମୋ ସାଧନା, ଏକାନ୍ତ ସେ ନିଜର;
ତାହାର ନୟନପାତେ
ପ୍ରତି ଅଙ୍ଗେ ମୋ ଲାବଣ୍ୟ ଧାରା ଉଚ୍ଛୁଳିବ ସାଥେ ସାଥେ ।

* * *

"ଜନମେ ଜନମେ ପ୍ରିୟତମ ସେହୁ ଜନମେ ଜନମେ ସାଥି
ତାହାରି କୋଳେ ମୁଁ କାଟିବଇଁ କେତେ ମଧୁର ଜୋଛନା ରାତି
ମଧୁ କଳ୍ପନା ଅନ୍ତରେ ଯେତେ, ଫୁଟି ଫୁଟି ପାରିନାହିଁ
ଫୁଟିବ ଫୁଟିବ ନିଶ୍ଚୟ ଦିନେ ତାହାରି ପରଶ ପାଇ ।
ମହାବିଶ୍ୱର କେଉଁ ଅଞ୍ଚଳେ ଭେଟିବି ଦିନେ ମୁଁ ତାରେ ।
ପଦ-ପଙ୍କଜ ପଖାଳିବି, ମୋର ନୟନ ଅଶ୍ରୁଧାରେ
ସେ'ଦିନ ପୂରିବ ଆଶା
ସେ'ଦିନ ଫୁଟିବ ଅନ୍ତର ତଳୁ ମଞ୍ଜୁ ମଧୁର ଭାଷା

●

Digitized by srujanika@gmail.com

ଜୟୀ ରାଜଗୁରୁଙ୍କ
ଉତ୍ସାହ ବାଣୀ

—୧—

"ହେ ମୋର ଖୋର୍ଦ୍ଧାର ଶତ ଖଣ୍ଡାୟତ ବୀର !
ଜାତିର ଆହ୍ୱାନ-ବାଣୀ
ଶୁଣି, ତମେ ରହିନାହଁ ନୀରବ ନିଶ୍ଚଳ;
ଛାଡ଼ି ପ୍ରିୟ ପୁରପଲ୍ଲୀ ଛାଡ଼ି ପ୍ରିୟ ଦରିଦ୍ର କୁଟୀର
ସକଳ ବନ୍ଧନ ମାୟା
ଥିଲା ଯାହା
ପରିବାରେ ତବ
କାଟିଦେଇ ନିର୍ବିଶଙ୍କରେ,
ଆସିଅଛ ବୀରବେଶେ
ଢାଲ ଖଣ୍ଡା ଧରି
ସମର ପ୍ରାଙ୍ଗଣେ
ଏଇ ବରୁଣେଇ ତଳେ;
ସୁଦୂର ପଲ୍ଲୀର ସେଇ ଶ୍ୟାମଳ ଉତ୍ସଙ୍ଗେ
ରହିଥିବେ କନକ ପିତୁଳୀ ପରି
ପୁଅ ଝିଅ ତବ,
ସେ ଲୋଳ ଲଳିତ ଓଠେ
ଫୁଟୁଥିବ ହାସ
ଶାରଦ ଚନ୍ଦ୍ରିକା ପରି;

Digitized by srujanika@gmail.com

ସରଳ ତରଳ ବାଣୀ
ଫୁଟୁଥିବ
ବଦନରୁ ତାଙ୍କର;
ଉଚ୍ଚରୁଥିବ କେ ବୋଲ !
ବାପା ପଗ ଯାଇଛନ୍ତି
ଯୁଝ କର କାହିଁ
ଆସିବେ କି ନାହିଁ ?
କୁଟୀରୁ ବାହାର ଯେବେ—
ଆସିଥିବ ଯୁଦ୍ଧ କରି
ଟମ୍ ଟମ୍ ଶୁଣି ଏଇ ଟମକ ବାଜଣା
ଖଇ କା'ର ଦେଇଥିବ ଖଇରେ ବଦାମୁ
ଆସିଥିବ ଗାଆଁ ମୁଣ୍ଡ ବରଗଛ ଯାଏ
କହୁଥିବ କାନେ କାନେ,
ଦେଶର ଗୌରବ ପାଇଁ,
ଜାତିର ସ୍ୱଧର୍ମ ପାଇଁ
ଦେବୁ ନାହିଁ ପଛଘୁଞ୍ଚା କେବେ !
ତୂଣୀରୁ ବାହାର କରି
ତୀକ୍ଷ୍ଣ ଶରମାଳା
ଦେଇଥିବ ଖଞ୍ଜି ତାର—
ତୂଣୀର ଭିତରେ
ମନେ ରଖ ମନେ ରଖ
କହୁଥିବ ପୁଣି,
ଆମ ବାପ ଗୋସେଁ ବାପା
ଥିଲେ ଯେହୁ ଏ ଘରର
ମୁରବି ପ୍ରଧାନ
କେତେ ଯୁଦ୍ଧେ ଯୁଦ୍ଧ କରି
ଆସିଛନ୍ତି ଉଡ଼ାଇଣ
ଗୌରବ ପତାକା

Digitized by srujanika@gmail.com

କ୍ଷୋରଧାର ଦୁର୍ଗଦ୍ୱାରୁ
ଫାଇଛନ୍ତି
ଶାନ୍ତୀ ଓ ଶିରୂପା .
ସେ ଜାତିର ସେ ବଂଶର
ନିର୍ଭୀକ ସନ୍ତାନ ତୁହି
କ୍ଷୁଦ୍ର ଏହି ଜୀବନରେ
ନ ରଖି ମମତା
ରଖିବୁ ମମତା ମାୟା
ବିଶାଳ ଏ ଦେଶ ପରେ ତୋର !
ଦେଶ ଯଦି ବଞ୍ଚିପାରେ
ତୋହର ମରଣେ,
ଦେଶ ଯଦି ତୋଳିପାରେ
ବିଜୟ କେତନ
ତୋ ଶୋଣିତ ପ୍ରତିବିନ୍ଦୁ ଦାନେ,
ଦେଶ ଯଦି ସ୍ୱାଧୀନ ସମ୍ପଦେ ନାଚି
ବାଇପାରେ ସ୍ୱାଧୀନତା ଭେରୀ,
ଦେଶ ଯଦି ବିଶ୍ୱଦରବାରେ କହିପାରେ କଥା
ସ୍ୱାଧୀନ ରସନା ଖୋଲି,—
ଦେଶର ଏ ବିଶାଳ ଗୌରବ
ତୋ' ଶୋଣିତ ପ୍ରତିବିନ୍ଦୁ ନେଇ
ବିଶ୍ୱଭୁବନ କି ଅଭିନବ ?
ଦେଶର ଏ ପୁଣ୍ୟପୂତ ଧୂଳି ମାଟି ସହ
ଜନ୍ମ ଜନ୍ମାନ୍ତର ଧରି
ବଞ୍ଚିଥିବୁ ତୁହି ଅହରହ !

—୨—

ତରୁଣୀ କଶୋଷେ ବଧୂ
ତରୁଣ ପ୍ରିୟରେ ଖୋଜି
କହିଥିବ—'ପ୍ରିୟତମ ମୋର !

Digitized by srujanika@gmail.com

ସଙ୍ଗ୍ରାମେ ଢାଳ ଏ ତନୁ
ଆପଣାକୁ କର ତୁମେ ଗଉରବମୟ !
ଦେଶଲାଗି ଜନ୍ମ ତବ
ଜନ୍ମ ନୁହେଁ
ମୋର ଏଇ ଯୌବନର
କ୍ଷଣକ ମାଧୁର୍ଯ୍ୟ ଖାଲି
ଉପଭୋଗ ଲାଗି,
ସ୍ବୃହେଁ ମୁହିଁ ବୀର ସ୍ଵାମୀ
ସମର ପ୍ରାଙ୍ଗଣେ ଯେହୁ
ନାଚ ନାଚ ହସି ହସି କରବ ସଙ୍ଗ୍ରାମ ।
ଦେଶର ସମ୍ମାନ ଆଉ ଦେଶର କଲ୍ୟାଣ
ଅକ୍ଷୁର୍ଣ୍ଣ ଓ ଅନାହତ—
ରଖିପାରେ ଯେ ବୀର ତରୁଣ
ଶୋଣିତରେ ପ୍ରତିବନ୍ଧ ଦେଇ,
ସେଇ ମୋର ପ୍ରିୟତମ, ନମସ୍ୟ ବ ସେଇ;
ସେଇ ମୋର ଅନ୍ତରର ଉପାସ୍ୟ ଦେବତା,
ଯା ବାହୁର ଅସୀମ ବକ୍ରମ,
ଯା ଅନ୍ତର ଉଚ୍ଛ୍ଵାସ ପରମ,
ଜାତିର ମଙ୍ଗଳ ଲାଗି
ସମର ପ୍ରାଙ୍ଗଣେ, କହିପାରେ କଥା !
ଯାଅ ମୋର ପ୍ରିୟତମ !
ଯାଅ ଆଜ ସମର ପ୍ରାଙ୍ଗଣେ
ନଅ ଏ ଶୋଣିତ ବର୍ଚ୍ଚ।
ପିନ୍ଧ ଏ ସମର ସାଜ
କଷ ହେ କମର କଷ
ମରଣ ଭିତରେ ଦେଖ ଜୀବନର ମଧୁର ସପନ !!
ହସି ହସି ଦେଉଛି ମୁଁ ସମରେ ମେଲାଣି
ହସି ହସି ଦେବ ମୁହିଁ
ସୁଧା ଆଲିଙ୍ଗନ

Digitized by srujanika@gmail.com

ସେ' ଦିନ ଦେଖିବ ମୁହିଁ
ନିର୍ଭୀକ ସଇନ ପରି
ଯୁଝି ଯୁଝି
ଫେରିଅଛ ମୋର ପ୍ରିୟତମ ।"

— ୩ —

ଏକଇ ସନ୍ତାନ କିଏ
ତା' ଦରିଦ୍ର ଜନମାର
ଆସିଥିବ ଏଥି ଯୁଦ୍ଧ କରି,
ଜନମୀନିବସି ତା'ର
ଦରିଦ୍ର କୁଟୀରେ
ଘାବ୍ରୁଥିବ ନିଜ ମନେ ମନେ
ବୟସରେ ସାନ ପୁଣି
ଜାଣିନାହିଁ
ଯୁଦ୍ଧର କୌଶଳ
କେମନ୍ତେ କରିବ ଯୁଦ୍ଧ ?
ସ୍ୱପକ୍ଷ ଦଳର ଯେବେ
ଘନ ଘନ ଗୁଳିଗୋଳା
ଆସୁଥିବ
କରି ମେଘ ଗରଜନ
ଧନ ମୋର ଜୀବନ ହକଲେ
ପଛଘୁଞ୍ଚା ଦେଇ ଯେବେ
ଆସିବ କୁଟୀରେ ଫେରି
କେମନ୍ତେ କହିବି—
ସେହି ପୁଅ ମୋର, ପ୍ରାଣ ମୋର
ମୋହରି ସ୍ତନ୍ୟରେ ଗଢ଼ା
ତାର ପ୍ରତି ରକ୍ତ ମାଂସ ?

Digitized by srujanika@gmail.com

ଜନ୍ମା ବଂଶର ସକଳ ଗରିମା
ରକତେ ରକତେ ତା'ର
ଉଚ୍ଛୁଳୁଥିବ ବୋଲି ।

—୪—

ହେ ମୋର ଖୋର୍ଦ୍ଧାର ପ୍ରିୟ
ଖଣ୍ଡାୟୁତ ବୀର !
ନିଜ ପାଇଁ ଆସି ନାହିଁ ।
ମରଣ ବରଣ କରି
ଆସିଛ ଏ ଜାତି ପାଇଁ
ବୁକୁ କାଟି ରକ୍ତ ଦେବ
ଦେବ ମାଂସ ହାଡ଼
ଦେଖିବ ଏ ବସୁନ୍ଧରା ଶ୍ୟାମଳ ଶିଖରୀ
ଦେଖିବ ଏ ଆକାଶର—
ଗ୍ରହ, ଚନ୍ଦ୍ର, ତାରା
ଦେଖିବ ଏ ବନବନ ଶ୍ୟାମଳ ପ୍ରାନ୍ତର
ଦେଖିବ ଦେଖିବ କେମନ୍ତେ ଖୋର୍ଦ୍ଧାର ପାଇକ
ସମସ୍ତ ଜୀବନ ତା'ର
ଏଇ ଶେଷ ରଣ ଯଜ୍ଞେ
ବଳି ଦେଇ ଅକୁଣ୍ଠିତେ,
ଜାତିର ସମ୍ମାନ ଟେକ
ରଖିବ ଗରବେ !
ହଟିପାରି ଏ ସଂଗ୍ରାମରେ ତମେ
କଟିପାରି ବଇରୀର ଗୁଳି ଗୋଳାଘାତେ
ବିଦେଶୀ ବଇରୀ ହାତେ
ରହିପାରେ ଏ ଦେଶର ଭାଗ୍ୟଡ଼ୋରି ବନେ
କିନ୍ତୁ ମୋର ରାଜଭକ୍ତ, ଦେଶଭକ୍ତ
ଖୋରଧାର ଖଣ୍ଡାୟୁତ ବୀର !

Digitized by srujanika@gmail.com

ତୁମର ଅକ୍ଷୟ କୀର୍ତ୍ତି
ଅନନ୍ତ ସମସ୍ତ ଧରି
ରହିଥିବ ଏ ମାଟିର—
ପ୍ରତି ଧୂଳି କଣିକାରେ ମିଶି;
ଘୁଲିନଥ ଥରେ ମୋର ପ୍ରିୟତମ ପାଇକ ସର୍ଦ୍ଦାର !
ବିଶାଳ ଏ ଉତ୍କଳର କୀର୍ତ୍ତିମାଳା
ଧନ ଜନ ସ୍ୱାଧୀନତା ସମ୍ମାନ ଗୌରବ
ବର୍ଷ ବର୍ଷ ଧରି ତମେ ରଖିଚ ବଞ୍ଚାଇ !
ରଣୋନ୍ମତ୍ତ ଜାତି ମୋର ।
ଖୋରଧାର ଶତ ଶତ ପାଇକ ସର୍ଦ୍ଦାର !
ତୁମର ମୋହନମନ୍ତ୍ରେ
କଥା କହେ ପ୍ରାଣହୀନ
ଯେ ଆଜ ମୁର୍ଦ୍ଦାର ।
ବୁକୁରେ ବିପୁଳ ବହ୍ନି
ଜଳଇ ତୁମର
ହୁତୁ ହୁତୁ ସ୍ୱର୍ଣ୍ଣଶିଖା ମେଲି
ଓଠରେ ବଜ୍ରର ବାଣୀ
ମୋହନ ଗୌରବେ
ପ୍ରତି ନଡ ଯାଏ ଖେଳି ଖେଳି,
ଶିରେ ଶିରେ ତବ
ଶୋଣିତ ପ୍ରବାହ
ଆଜନମୁ
କହେ ଯେହ୍ନେ କଥା
ଦେଶ ଜନନୀର ମୁହିଁ
ପ୍ରିୟର ସନ୍ତାନ
ଦେଶ ପାଇଁ
ଲୋଡାହେଲେ
ଦେବି ମୋର ମଥା ।

Digitized by srujanika@gmail.com

ଦେଶର ମଂଗଳେ ମୋର ମଂଗଳର ଆଶା
ବାଜଉଠେ ମୃଦୁ ମନ୍ଦ୍ର ତାନେ,
ଦେଶ ପାଇଁ ବାପ ମା
ଭଗିନୀର ମାୟା
ଏ ଧରଣୀ ପରେ ନାହିଁ ଜାଣେ ।
ଉପରେ ଆକାଶ
ତଳେ ମୋର ପୁଣ୍ୟ ଦେଶ
ସ୍ଥଳ ବଣ ପରବତ ଦେଶ
ସ୍ୱାଧୀନ କେତନ ମୁହିଁ ଉଡ଼ାଇ ଉଡ଼ାଇ
କରୁଥିବ ଚିରନ୍ତନ ଖେଳା;
ତୁମର ଦେଶର ଆଜ ତୁମର ଜାତିର
ଆସିଅଛି ଭୀଷଣ ସଙ୍କଟ
ପ୍ରଳୟ ତାଣ୍ଡବ ଲୀଳା
ସରଜ ଡହିଁରେ
ଆପଣାକୁ ଆପେ ହେ ପ୍ରକଟ !
ଦେଖଅ ଦେଖାଅ ତୁମେ
ହୃତ୍‌ପିଣ୍ଡ ଏ ବିଶାଳ ଜାତିର
ଏଇ ଖଣ୍ଡା ଏଇ ତଲୁଆରେ
ଗୁଳ କାଟି ଶତ ବୈରୀଶିର,
ଏ ଖୋର୍ଦ୍ଧା ଜନନୀର
ନେହ ନୀର ଧାର
ଟୋପ୍ପା ଦିଅ ଟୋପ୍ପା ଦିଅ ତମେ
ଦେଶର କନ୍ଦନ ବାଣୀ
ପାରିବ କି ସହି ?
ଦେଶର ଶୋଣିତ ବହି
ତୁମ ବୁକୁତଳେ ।

Digitized by srujanika@gmail.com

ସୈନିକ ସମାଧି

—୧—

ଏଇଠି ତାହାର ସମାଧି ହେଲା !
ଏଇଠି ଏଇଠି ଦେଶ ପାଇଁ ତା'ର ଜୀବନ ଦେଲା !
ବୀର ବେଶରେ ସେ ଯେ ଏଇଠି ଏଇଠି ଯୁଦ୍ଧ କଲା,
ବୀର ଗର୍ଜ୍ଜନରେ କମ୍ପିତ କରି ଆକାଶ ପବନ ନିଖିଳ ଧରା,
ଖଣ୍ଡା ଗୋଟିଏ ହାତରେ ଧରିତ ପଡ଼ିଲା ଶୋଇ
କୋଟିଏ ଶତ୍ରୁ ସଇନ ମାରିତ ଆଗୁଆ ହୋଇ ।
ଝର ଝର ଝର ରକ୍ତ ବୋହିତ ବୁକୁରୁ ତା'ର,
କପାଳେ ଜଳୁତ ଦାଉ ଦାଉ ସିନ୍ଦୂର ଗାର !
ଦମ୍ ଦମ୍ ଦମ୍ ସମ୍ମୁଖୁ ଆସେ ଶତ୍ରୁ ଗୋଳା—
ଏ ବୀର ମାଟିର ବୀର ସନ୍ତାନ
ବୀର ଗର୍ଜ୍ଜନେ ବୁଜିତ ଡୋଳା ।
ଦେଖିତ ପାହାଡ଼, ଦେଖିତ ନଈ
ଦେଖିତ ଆକାଶ ଊର୍ଦ୍ଧ୍ୱ ରହି
ଖଣ୍ଡା ଗୋଟିଏ ହାତରେ ଧରିତ ପଡ଼ିଲା ଶୋଇ
ସୁନର ମାଆ ଜନମ ଭୂଇଁ ।
ସେଉକ ସେଉକ କହିତ
ଆଉ କହନ କଥା,
ମାଆ ପାଇଁ ତାର ଦେଇତ ମଥା, ।
ଓଠରେ ଫୁଟାଇ ସ୍ୱର୍ଗିହାସ,
ଅଙ୍ଗେ ନଭଇ ସକଳ ବେଦନା ଗଭୀର ତ୍ରାସ ।

Digitized by srujanika@gmail.com

ପାଇକ ଘରର ଯୁବା ବଇସିଆ ଗୋଟିଏ ପିଲା
ବ୍ରଜ ପରି ତା' ଜୀବନ ଥିଲା ।
ମଣିଷ ପାଇଁକ ମରିବା ପାଇଁ
ଆସିଥିଲା ସେ ଏତେ ଦୂରରେ,
ଢାଲ ଓ ଖଣ୍ଡା ହାତରେ ଧରି
ଜାଳି ବୁକୁ ତଳେ ନିଆଁ ଝୁଲରେ ।
ଜାଣି ନାଇଁ ସେ ଜାଣି ନାଇଁରେ
ପରଙ୍କ ଆପଣା ବଡ଼ ସାନରେ,
ଜନମ ଭୂଇଁର ସ୍ୱାର୍ଥଲାଗି
ଜୀବନଟି ତାର କଲା ଦାନରେ ।
ବୁକୁ ଚିରି ତା'ର ଜୀବନ ଦେଲା ଜୀବନ ଦେଲା
ଏଇଠି ତାହାର ସମାଧି ହେଲା ! ସମାଧି ହେଲା !

—୨—

ଏକୋଇର ବଳା ବଣିକେଶନ
ବଢ଼ି ଥିଲା ବଡ଼ ଅଲଅଳରେ
ଗୋଟିଏ ବୋଲି ସେ ସଙ୍ଗାଳ ସେ
ସବୁରି ସେ ଆଖି ସାସ୍ତ ଘରରେ ।
ବାନ୍ଧିଲା ଯେବେ କଟିରେ ଫରି
ସମର ଭୂଇଁରେ ଆସିବ ଚଳି,
ହାତରେ ଧଇଲା ଖଣ୍ଡା ଢାଲ
କଟିରେ ଭିଡ଼ିଲା ଘାଘୁଡ଼ି ମାଳ,
ବନ୍ଦି ଜନନୀ ଚରଣପଦ୍ମ କହିଲା ପସ୍ତ—
ଯାଉଚି ଯାଉଚି ଯୁଦ୍ଧ କରି
ନୟନେ ଫୁଟିଲା ଅଗ୍ନି-ତସ୍ତ !!

Digitized by srujanika@gmail.com

ଜନନୀ କହିଲା ଆବେଗ ଭରେ
ଧନମାଳୀରେ !
ଅଶ୍ରୁଣୀ ହୋଇ ରହିଲି ତୋତେ
ଭଳି ଭଳିରେ !
ଏଇ ଢାଲ ଏଇ ଖଣ୍ଡା ଧରି
ଫେରିବୁ ସତେରେ ଫେରିବୁ ସତେ,
ଦେଖିବି ଏ ଦୁଇ ନୟନ ଭରି ?
କେତେ ଦୂରେ କେଉଁ ଗାଇଜେ କାହିଁ
ଯୁଝିବୁ ଯାଇ—
ସେ କେଉଁ କଟକ ଖୁରୁଧା ପୁରୀ
ଘରେ ବସି ହେଉଁଥିବ ମୁଁ ଝୁରି ।
ଆଗକୁ ନାଇଁକ ପଛକୁ ନାଇଁ
କେହି ତ କାହିଁ,
ରହିଲି ରହିଲି ରହିଲି ସିନା
ତୋ ବାଟ ଚାହିଁ !

ଜନନୀରେ ଚାହିଁ କହିଲା ସିଏ ପକାଇଣ ଗୁଣ
ବଚନ ଅଥୟ ହୁଅନା ବୋଉ,
ମୁଁ ନୁହଁଇ ଖାଲି ତୋହର ଧନ—
ଦେଶର ପ୍ରାଣ ମୁଁ ଜାତିର ଟାଣ !
ଜନମ ଦେଇଚୁ କରିବାକୁ ଖାଲି ଦେଶର କାମ
ବାଜୁଥିବ ଯହିଁ ଯୁଦ୍ଧ ବାଜା
ଫୁଟୁଥିବ ଯହିଁ କମାଣ ତୋପ,
ଲକ୍ଷ ପାଇକ ସୋଦର ସଖା
ଲଢ଼ୁଥିବେ ଯହିଁ ଦେଖାଇ କୋପ ।
ତାହାରି ଭିତରେ ଖଣ୍ଡା ଧରି
ଶାର୍ଦ୍ଦୁଳ ପରି ଲଢ଼େଇ କରି

Digitized by srujanika@gmail.com

ମରିଯାଏ ବୋଉ ମରିଯାଏ ଲୋ !
ରହିବ ମୋହର ମାଟିର ଠେକ,
ଜନମ ମାଟିର ଜୀବନ ରକ୍ତ
କଟିଯାଉ ପଛେ ମୋହରବେକ ।

ମରିଗଲେ ମୁହିଁକ ଯାଏ ଆସେ
ମୋ' ମରଣେ ଯେବେ ଫୁଟିବ ଫୁଲ,
ଗନ୍ଧେ ଉଠିବ ମହକ ଧରା
ସେତକ ତୋହର ଅସଲ ମୂଲ !
ପାଦଧୂଳି ମୋ'ର ମଥାରେ ଦେଏ
ପୁଅ ବୋଲି ଥରେ ଗଣ୍ଠିର ସେନେହେ
କୋଳକୁ ନେଏ !
ଯୁଦ୍ଧ କରି, ପଛେ ମୁଁ ଚଳି,
ଫେରିଲେ ଭଲ,
ନ ଫେରିଲେ ବୋଉ ! କାନ୍ଦିବୁନି
ଏତିକ ଅନୁରୋଧ ଲୋ ମୋର !
ଏତିକ କହିଚ, କହିନ ଆଉ
ଗୁଲି ସେ ଗଲା
ଦପ୍ ଦପ୍ ଦପ୍ ଚରଣ ଗୁଳି
ସମରେ ପଶି !
ଏଇ ଯେ ପଡ଼ିଛୁ ସମର ଭୂଇଁ
ଏଇଠି ଏଇଠି ଯୁଦ୍ଧ କଲା,
କମ୍ପିତ କରି ଆକାଶ ପବନ ନିଖିଳ ଧରା ।
ବୁକୁ ଚିରି ତା'ର ଜୀବନ ଦେଲା ! ଜୀବନ ଦେଲା !
ଏଇଠି ତାହାର ସମାଧି ହେଲା । ସମାଧି ହେଲା ।

—୩—

ଏଭଳି ଉଗ୍ରହି ଅଗ୍ନି ଥାଏ ମଣିଷ ପ୍ରାଣେ
ବଜ୍ର କଟାଇ ପଥର ଫଟାଇ ଜୀବନ ଆଣେ !

Digitized by srujanika@gmail.com

ମଣିଷ ସବୁ କରି ପାରେରେ
କିଏ ସେ କହିବ କି ମହାଶକ୍ତି
ରହିଛି, ମଣିଷ ଲହୁ ଧାରେରେ !
କ'ଣ ନ କଲି ?
ବସୁମ ଛାତିର ଅଠର କୋଡ଼ିଏ ହୋଇବ ପଟି !
ମାଲଲି ଶର, ଶିଁ ଶିଁ ଶିଁ ଛୁଟିଲି ପଟି
ଛୁଟିଲି ଶତ ବଇରି ମଡ଼ା
ଦ୍ୱିଗୁଣ ସାହସେ ଖଣ୍ଡା ଚଳି
କେତେ ଶ' ସଇନ ଦେଲି ସେ ଟାଳି ।
ଶତ୍ରୁ ଦଳର ସେନାପତି, ସେନାପତି ସେ କାହିଁ ?
ଏଇ କେତେ ଦୂରେ ପାହାଡ଼ ଠାଇଁ;
ମାଇଲି ଘୋଡ଼ା
ବିଜୁଳି ପରି ସେ ଛୁଟିଲି ଦଳି
ହଜାର ହଜାର ବଇରି ମଡ଼ା
ସମର ଭୂଇଁରେ ପଡ଼ିଲି ଡାକ
ଛୁଟରେ ଛୁଟରେ ପାଇକ ପୁଅ—
ବିଜୟୀ ହୁଅରେ ବିଜୟୀ ହୁଅ
ଭୟ ନାହିଁ ଆଉ ଭୟ ନାହିଁରେ !
ଶିରେ ତୋ' ଶିରୂପା- ବନ୍ଧା ହେବ

ନାଆଁ ଥିବ କାଳ ପାଇଁରେ ।
ଖଣ୍ଡାରେ ଯେବେ ସେନାପତି ଶିର
ଦେଇଛି ଛେଇ
ବିଜୟ କେତନ ବୀର ଓଡ଼ିଶାର
ଦେଲେ ଉଡ଼ାଇ,
ଓଡ଼ିଆ ସଇନ ଓଡ଼ିଆ ବୀର,
ଯହିଁ ଶୁଣି ଖାଲି ଜୟ କଲ୍ଲୋଳ
ଦୁନ୍ଦୁଭିର ।

Digitized by srujanika@gmail.com

ଧନ୍ୟ ଧନ୍ୟ ପାଇକ-ଯୁବା
ବିଜୟୀ ବେଶେ ଫେରଇ ରେ
ତୂର୍ଯ୍ୟ ବାଜେ ରଣ ପ୍ରାଙ୍ଗଣେ,
ଓଠେ ତା' ହାସ ଖେଳଇ ରେ।
ସାର୍ଥ ଆଜ ଜୀବନ ତା'ର
ସାର୍ଥ ତାର ଯୁଦ୍ଧ
ଜୟ ଉଲ୍ଲାସେ ବକ୍ଷ ତାର
ହୋଇଉଠେ ଉଦ୍‌ବୁଦ୍ଧ !
ଏତିକିବେଳେ ବଇରୀ ଗଇନ ପାହାଡ଼ ତଳୁ
ଲୁଚି ଲୁଚି ଲୁଚି ମାରିଲା ଶର
ଢଳି ସେ ପଡ଼ିଲା ଧରଣୀ ତଳ
ଉତ୍କଳ ମାଆ ଜନମ ଭୂଇଁ
ହାତରେ ଧରିଛି ଖଣ୍ଡା ଫଟି ପଡ଼ିଲା ଶୋଇ !
ଜୟ ଉଲ୍ଲାସେ ଅଧର ଓଠରେ, ଯେ ହାସ ଅଛି
ସେଭଳି ରହି,
ବିଜୟୀ ପାଇକ ଏଇଠି ଏଇଠି ଦେଶ ପାଇଁ
ତାର ଜୀବନ ଦେଲା !
ଏଇଠି ତାହାର ସମାଧି ହେଲା । ସମାଧି ହେଲା !!

—୪—

କେତେ କାଳ ଏବେ ହେଲାଣି ପରା
ସମାଧି ତାର ହୋଇଛି ଠିଆ
ଏପାଖେ ପାହାଡ଼ ସେ ପାଖେ ନଈ
ଚଉଦିଗେ ଖାଲି ବେତସ-କଥା ।
ବାଟର ବାଟୋଇ ସେ ପାଖେ ଫେରେ
ଉଦାସ ପରାଣେ ଗୀତଟି ଗାଇ
ଗୋପାଳ ବାଳକ ଚରାଏ ଧେନୁ
ସାନ୍ଧ୍ୟ ସମୀରେ ବଂଶୀ ବାଇ ।

ସକାଳ ପରେ ସନ୍ଧ୍ୟା ଆସେ
ସୂର୍ଯ୍ୟ ଆସି ସୂର୍ଯ୍ୟ ଫେରେ
କାଳର କପାଳେ ଘଟଣା ଶତ
ସୁଖ ଓ ଦୁଃଖ ମାରବେ ଖେଳେ !
ପାଇକ ପୁଅର ସମାଧି ଏ'ଯେ
କାଳ କାଳ ପାଇଁ ରହିବ ସ୍ମୃତି
ଏଇଠି ସେ ଯେ ଯୁଦ୍ଧ କଲା
ରକ୍ତ ଦେଲା ଏ ଦେଶ ପାଇଁ ।
ସମାଧି ପଥର ଥାଆରେ ଥାଆ
ଅସୀମ କାଳର ଜନତା ଆଗେ
କହିବୁ କ ଭଲ ପାଇକ ପୁଅ
ଜୀବନ ଦେଲା ଯୁଦ୍ଧ ଯାଗେ ।
ଭୁହାଇ ଭୁହାଇ କହିବୁ ପରା
ଗରଜ ଗରଜ ଡାକିବୁ ପରା
ଏଇଠି ଏଇଠି ଦେଶପାଇଁ ତା'ର ଜୀବନ ଦେଲା !
ଏଇଠି ତାହାର ସମାଧି ହେଲା ! ସମାଧି ହେଲା !!

Digitized by srujanika@gmail.com

ଅହୁଦୂରେ

ଧରାର ମଣିଷ ରହିଅଛି ତୁମ୍ଭ ଜୀବନର ବହୁଦୂରେ
ପ୍ରାଣ ବିମୋହନ ଗନ୍ଧ ଯେଉଁଠୁ ଅବାରିତ ହୋଇ ଛୁରେ
ତୋହର ଶକ୍ତି ତୋହର ସାଧନା
ତା'ଲେ ଧରଣୀରେ ଅସୀମ ବେଦନା
ବୁଝି ତୁ ପାରୁନୁ ବୁଝି ତୁ ପାରୁନୁ
ପବନ ଚଢ଼ ପରି ତୋର ମଥା
ସେ କେଉଁ ମୁଲକେ ଘୂରେ
ଧରାର ମଣିଷ ରହିଛି ତୁମ୍ଭ ଜୀବନର ବହୁଦୂରେ !

ଡାକିଲେ ତୋରେ ତ ଶୁଭୁନାହିଁ ଡାକ କି ନିଶା ପିଇଚୁ କହ ?
ଚଉଦିଗେ ଖାଲି ସୃଜୁଅଛି ମରୁ ଭୀଷଣ ଦୁର୍ବିସହ !
ପ୍ରାଣଭରା ହସ ନାହିଁ ତୋ' ଅଧରେ
ଅମୃତ ନାହିଁ ତୋ କଥା ପଦରେ
ଆଡ଼ମ୍ବର ଓ ଅହମିକା ଧରି
ଫାଟି ପଡ଼ୁଅଛୁ କହ କପାଇଁ ?
ଅହରହ ଅହରହ
ଚଉଦିଗେ ଖାଲି ସୃଜୁଅଛି ମରୁ ଭୀଷଣ ଦୁର୍ବିସହ !

ହେମନ୍ତମର୍ମ୍ମର କୋଳେ ସେ' ଯେ କେଉଁ ତୂଳତଳ୍ପରେ ଶୋଇ
କି ମଧୁ ସ୍ୱପ୍ନ ଦେଖୁଅଛୁ ତୁମ୍ଭ ପାଷାଣ୍ଡ କଠିନ ହୋଇ
ମଣିଷ ରକତ ଏତେ କରେ ମିଠା
ପିଇ ପିଇ ତୋର ସରୁନାହିଁ ଛଟା !

Digitized by srujanika@gmail.com

କହୁରୁ ଚନ୍ଦ୍ର ପିଇବୁ ଆନ୍ଧାର
ଯେତେଦୂର ଚାରୁ ଏ ମାଟି ଉପରେ
ଅତି ନିର୍ମମ ହୋଇ
ହେମନ୍ତମୟୀର କୋଳେ ସେ ଯେ କେଉଁ ଭୁଲ ତଳ୍ପରେ ଶୋଇ !

ଆଖିଫେଇ ଚୁହାଁ ଅଭାବ ଭିତରେ ସନ୍ତୁଳ ହୋଇ ଖାଲି
କାନ୍ଦୁଚି ଏଇ ଜୀର୍ଣ୍ଣ କୁଟୀରେ କାହାର ବିଧବା ନାରୀ
ଶିଶୁଟିଏ କାର ଗଣିହୁଏ ହାଡ଼
କେତେଦିନ ଅବା ଆୟୁଷ ତାହାର
ଚଡ଼ଶା ଘରର କୁଳବୋହୂ ଚୁହାଁ
ପେଟକୁ ମୁଠିଏ ନପାଇ କି ଭଳି
ସହରେ ସାଜନ୍ତି ଦାସୀ,
ଆଖି ଫେଇ ଚୁହାଁ ଅଭାବ ଭିତରେ ସନ୍ତୁଳ ହୋଇ ଖାଲି ।

ଆତୁର ଭୁ ଚୁହାଁ ବେକାର ରହି କେ' ତରୁଣ ଯୁବକ ଜଣେ
ଗଳେ ରସି ଦେଇ ଆଖି ବୁଜଅଛି ନିଃସ୍ୱ କୁଟୀର କଣେ
କାହା ପିଲ ଝିଲ ହେଉ ଉପବାସ—
ସହି ନ ପାରି କେ' ଯାଇ ପରବାସ—
ଫେରି ନାହିଁ ଆଉ ଫେରି ନାହିଁ ଆଉ
କାନ୍ଦୁଚି ତା'ର ତରୁଣୀ ଘରଣୀ
ପ୍ରତିଦିନ ପ୍ରତିକ୍ଷଣେ !
ଆତୁର ଭୁ ଚୁହାଁ ବେକାର ରହି କେ' ତରୁଣ ଯୁବକ ଜଣେ !

ତଳ ଦଳ ଦଳ ସର୍ବହରା ଯେ ପଥେ ଧାଟେ ଚୁହାଁ ଚୁହାଁ
ଦୁନିଆରେ ନାହିଁ ତାଙ୍କର କିଏ କରିଦେବାପାଇଁ ଆହା !
କେଉଁ ଗଛ ତଳେ ହୋଟେଲ ଦୁଆରେ
ପଡ଼ିଅଛନ୍ତି ସାତ ନାରଖାରେ
ମଲେ ସେ ମରିବେ ଜୀଇଲେ ଜୀଇବେ

Digitized by srujanika@gmail.com

ନବସ୍ରଷ୍ଟାର ଚିରଦିନ ଧରି
କେହି ହୁଏନାହିଁ ସାହା ।
ଦଳ ଦଳ ଦଳ ସର୍ବହରା ଯେ ପଥେ ଘାଟେ ଗୁହାଁ ଗୁହାଁ ।।

ଦିଶୁନାହିଁ ତଟେ ବୁଲନ୍ତି କେତେ ତରୁଣ ବାଳକ ଦଳ
ବୁକୁତଳେ ନାହିଁ ଉନ୍ମାଦନା କି ଦେହେ ନାହିଁ ତେଜବଳ !
ମୁଖମଣ୍ଡଳେ ଲାବଣ୍ୟ ନାହିଁ
ଗୁହାଁଲେ କାହିଁ ତ ହୁଏ ନାହିଁ ଗୁହାଁ !
କାହାକୁ ନେଇ ଏ ପୃଥିବୀ ହସିବ
ଉଜ୍ଜ୍ୱଳ କରି ଗଢ଼ିବ ତାହାର
ଭବିଷ୍ୟତର ଘର
ଦିଶୁନାହିଁ ତଟେ ବୁଲନ୍ତି କେତେ ତରୁଣ ବାଳକ ଦଳ !

ପୁଞ୍ଜି ଉପରେ ପୁଞ୍ଜି ତୋହର ଲାଗିଛୁ ବଢ଼ାଇବାରେ
ଦେଖୁନୁ ଲକ୍ଷ ଜୀବନ ଜଳିଲା ମ୍ରିୟମାଣ ଅନାହାରେ ?
ଲକ୍ଷ ଜୀବନ ମାରିବ ବୋବାଳି
ତଟେ କରେ ଛିଏ ଅମୃତ ଢାଳି ?
ବଞ୍ଚିଛୁ ତୁହି ଜଳିଲ କହତ
ମଣିଷ ବୁକୁର ପୁଣ୍ୟ ରକତ
ପଶିଛି କି ତୋହଠାରେ ।
ପୁଞ୍ଜି ଉପରେ ପୁଞ୍ଜି ତୋହର ଲାଗିଛୁ ବଢ଼ାଇବାରେ ।

କୋଟି ବୁକୁତଳ ହସି ଉଠିଲେରେ ଫୁଟିବ ତୋର ଯେ ହସ
ସେ କି ନୁହେଁ ତୋର କୋଟିନିଧି ପରି ଜୀବନର ମଧୁ ରସ ?
ତାକୁ ଛାଡ଼ିଦେଇ ସାଜ ସଏତାନ
ଗାଉଚୁ ତୁ ଖାଲି ନରକର ଗାନ
ନିଜ ହାତେ ତୁହି ନିଜକୁ ହରାଇ

Digitized by srujanika@gmail.com

ଜାଣିହୁଏ ନାଇଁ ଯାଉଚୁ କି ଅବା
ପ୍ରାଣଭରା ପରିତୋଷ
କୋଟି ବୁକୁତଳେ ହସି ଉଠିଲେରେ ଫୁଟିବ ତୋର ଯେ ହସ ।

ଅସୀମ ଆଖିରୁ ଲୁହ ପୋଛି ଦେଇ ବକ୍ଷେ ନେଏରେ ଭିଡ଼
ଅସୀମ ଶୁଷ୍କ ମଳିନ ବଦନେ ଫୁଟାରେ ପ୍ରାଣର ଶିଖ
ତୋହର ଧରାର ତୋର ଏ ମଣିଷ
କାହିଁକି କାହିଁକି ହେଉଚୁ ତୁ ବିଷ ?
ସବୁରି ମାଂସ ହାଡ଼ ତଳେ ତଳେ
ଗୋଳି ହୋଇ ଯାଆ, ସ୍ୱର୍ଗର ସୁଧା—
ପଡ଼ିବ ତୋ ପାଖେ ଛିଡ଼ି
ଅସୀମ ଆଖିରୁ ଲୁହ ପୋଛିଦେଇ ବକ୍ଷେ ନେଏରେ ଭିଡ଼ !

Digitized by srujanika@gmail.com

କାହାର ଏ ଦୁଇଟି ପିଲା ?

କାହାର ଏ ଦୁଇଗୋଟି ପିଲା ଖେଳୁଛନ୍ତି ଏ ସଡ଼କ ପରେ
ଚାହିଁଲି ମୁଁ ଅକସ୍ମାତେ ଯେବେ ଚକ୍ଷୁ ମୋର ଭରିଗଲା ଜଳେ,
ଖାଇବାକୁ ଅନ୍ନ ନାହିଁ ମିଳେ ହାଡ଼ ଦିଶେ ଗୋଟି ଗୋଟି ଦେହେ
କଏ ବୁଝେ ସେମାନଙ୍କ ବ୍ୟଥା ହେପାଜତ କଏ ଅବା ନଏ ?

କୋଠା କୁଟି, କାଠ ଆଣି ବଣୁ ମାଆ ପିଲା ଦୁଇରେ ଉଡ଼ାଏ
ଦୁଧ ଟୋପେ ପାଇବେ କେଉଁଠୁ ଘରେ ନାହିଁ କଉଡ଼ି କଡ଼ାଏ,
ପିଲା ଦୁଇ ବୁଲୁଛନ୍ତି ଏଥି ଦେହେ ନାହିଁ ଜୀବନ ତାଙ୍କର
ଫୁଙ୍କିଦେଲେ ଉଡ଼ିଯିବେ ପରା ନାଃରଖାରେ ଆସିଛନ୍ତି ବଢ଼ି

ଓଠେ ତାଙ୍କ ଫୁଟୁଥାନ୍ତା ହାସ ଖାଇପିଇ ଦିଶୁଥାନ୍ତେ ଗୋରା
ଯୋଗେ ପେଟ ପଡ଼ିଚ ବାହାର ଦୃଷ୍ଟିହୀନ ଦିଶେ ଆଖି ଡୋଳା
ଦାରିଦ୍ର୍ୟର ବିକଳାଙ୍ଗ ଛୁପ୍ଲା ପ୍ରତି ଅଙ୍ଗେ ଉଠେ ନୃତ୍ୟ କରି
ପାଷାଣ ବି ଚାହିଁଦେଲେ ଥରେ କରୁଣାରେ ଉଠିବ ତରଳି

ଜନମରୁ ଅନ୍ଧକାର କୋଳେ ଆସିଚନ୍ତି ହୀନମାନେ ବଢ଼ି
ସେ ଅନ୍ଧାର ଝଡ଼ିଯିବ ଦିନେ ଏଇ ବେନି ଜୀବନର କଳି !
ମୋ ମାଟିର ଏ ଦୁଇଟି ପିଲା କେ କହିବ ସ୍ୱର୍ଣ୍ଣଦୀପ ପରି
ନ ଜଳିବେ ଦିନେ ମୋ ମାଟିରେ ଚତୁର୍ଦ୍ଦିଗେ ଆଲୋକ ବିତରି

କେ' କହିବ ବୀଣା ତାନ ଏଠୁ ନ ଫୁଟିବ ମୁଗଧ କରି ଧରା
କେ ନ ଜାଣେ ! ଏମାନଙ୍କଠାରେ କି ସମ୍ପଦ ରହିଥିବ ପରା !
ଦେଶ ମୋର ଚାହାଁ ଭଲ କରି ଆସ ଆଜ ଏମାନଙ୍କ ପାଖେ
ଏମାନଙ୍କ ଅନ୍ତର ବେଦନା ଦୁଃସହ କି ତଳେ ନାହିଁ ଲାଗେ ?

Digitized by srujanika@gmail.com

ଯାଙ୍କ ଓଠେ ଫୁଟାଅ ହେ ହାସ ପ୍ରାଣେ ଦିଅ ନବ ତେଜ ବଳ
କଳତାନ କରି କରି ବିଶ୍ୱେ ଛୁଟି ଯାଙ୍କ ଜୀବନ ନିର୍ଝର
ବିଳାସ ଓ ଐଶ୍ୱର୍ଯ୍ୟ ଭିତରେ କେତେ କାହିଁ ଅର୍ଥ ଖର୍ଚ୍ଚ ହୁଏ
ଏମାନଙ୍କୁ ଟୋକେ ଦେବା ପାଇଁ ପଛଘୁଞ୍ଚା ଦେବା ଠିକ୍ ନୁହେଁ;

ଦେଶ ମୋର ଗର୍ବ କର ତମେ ସଭ୍ୟତାର ପତାକା ଉଡ଼ାଇ
ତୁମ ସେଇ ସଭ୍ୟତା ଭିତରେ ଏଇମାନେ ଯାଆନ୍ତି କି ନାଇଁ ?
ଅନାହାରେ ଜୀବନର ଫୁଲ କେତେ ଆହା ମରି ମରି ଯାଏ
ଆଖି ମୋର ଭରି ଆସେ ଜଳେ ଏମାନଙ୍କୁ ଯେବେ ସ୍ମରୁଥାଏ ।

Digitized by srujanika@gmail.com

ନିର୍ଯ୍ୟାତିତର ଆତ୍ମବିଳାପ

ତିକ୍ତତାର ଇତିହାସ ଶିରପରେ ବହି
ଦିନ ପରେ ଦିନ କେହ୍ନେ ନେବ ମୁହିଁ ବାହି !
ଭାଜିପଡ଼େ ଦେହ ମନ, ଭାଜିପଡ଼େ ମୋର
ଆଶାର ଅଟ୍ଟାଳି ଯାହା ଗଢ଼ିଅଛୁ କାହିଁ !

ଚତୁର୍ଦ୍ଦିଗେ ଚାହିଁ ଦେଖେ ତାଳ ନେଇ ନେଇ
ରୁଦ୍ଧ ମୋର ଚାରିଆଡ଼ କାହା ଅଭିଶାପେ
ଫେରି ଆସେ ଫେରି ଆସେ ବଦଗ୍ଧ ଅନ୍ତରେ
ବୁକୁତଳେ ସବୁ ବ୍ୟଥା ଚାପି ଆପେ ଆପେ !

ଲାଗେ ନାହିଁ ଭଲ ମତେ ନିଖିଳ ଧରଣୀ
ଯେତେ ଯାହା ସୀମାହୀନ ମୋହନ ସମ୍ଭାର
ଫୁଲ ଫୁଟେ ବାଆ ବହେ ସୂର୍ଯ୍ୟ ଆସେ ଉଇଁ
ବୁଣିଦେଇ ସୁବର୍ଣ୍ଣର ରେଣୁ ଚାରିଆଡ଼ ।

ବାତ୍ୟା ପରେ ବାତ୍ୟା ଖାଲି ଯାଏ ବହି ବହି
ଛିନ୍ନ ଭିନ୍ନ କରି ଯେହ୍ନେ ମୋ ପଞ୍ଜରା ହାଡ଼
ଦେଖେ ମୁହିଁ ଜୀବନଟା ରହିଅଛି ଚାହିଁ
ଯେହ୍ନେ କେଉଁ ଶୂନ୍ୟଚାଷ ପ୍ରେତର କଙ୍କାଳ !

ମଣିଷ ମୁଁ ଆସିଥିଲି ମହା ଧରଣୀରେ
ଏଇଭଳି ହନ୍ତସନ୍ତ ହେବ ବୋଲି କରେ ?
ଆସିଥିଲି ଚିରଦିନ ରହିବାକୁ ବୁଡ଼ି
ଘୋର ଅବସାଦଭରା ତପ୍ତ ଲୁହ-ମାରେ !

Digitized by srujanika@gmail.com

ଆସିଥିଲି ଆସିଥିଲି ଆସିଥିଲି କରେ
ଝଦାଘାତ ପରେ ଶତ ପଦାଘାତ ଲଭି
ପୃଥିବୀ ଅଚଳ ତଳେ ଦୂରେ ଦୂରେ କାହିଁ
ଚାନ୍ଦ୍ରବର୍ଣ୍ଣ ଲେପ୍ୟ କରି ଯିବା ପାଇଁ ଦବ !

ମଣିଷ ମୁଁ ମଣିଷ ମୁଁ ଆସିଥିଲି କରେ
ଏ ମାଟିର ସୀମାହୀନ ବଇଭବେ ଗୃହିଁ
କାହିଁରେ ନ ଦେଇ ହାତ ଜଡ଼ ପଙ୍ଗୁ ପରି
କେଉଁଆଡ଼େ ଯିବା ପାଇଁ ମାରବେ ଉଷାଇ !

ଆସିଥିଲି ସତେ କରେ ମହା ବିଶ୍ୱ ଭରି
ଅନନ୍ତ ପ୍ରାଣର ମଧୁ ନାଇଁ ଗୃଖିବାରେ
ଖାଲି ବଞ୍ଚି ରହିବାକୁ ମଳେ ପଳେ ମରି
କାଟି ହୋଇ କେଉଁ ଶୂନ୍ୟ ତୀକ୍ଷ୍ଣ ଖୁର ଧାରେ !

ଆସିଥିଲି ରୂପ ଦେନ ଭୃଷା ଦେନ କରେ
ପ୍ରାଣହୀନ ପରି ଖାଲି ରହିବାର ପାଇଁ
ଆସିଥିଲି ଦେଖିବାକୁ ଯୂପସ୍ତମ୍ଭ ମୋର
ମୋ ଗୃଲିବା ପଥେ କିଏ ରଖିଛି ସଜାଇ !

ମୋ ବୀଣା ରହିଲା ଯେବେ ଚରନ୍ଦନ ମୂକ
ନ ଫୁଟିଲା, ନ ଫୁଟିଲା ଲବେ ହେଲେ ସ୍ୱର
ମୋ ଆକାଶ ହେଲା ଯେବେ ମେଘାଚ୍ଛନ୍ନ ନିତି
ଆଲୋକ ପ୍ରବାହେ ନାଇଁ ଢଶିଲା ଭାସ୍ୱର !

ମୋର ବାଡ଼ ବଗିଚାରେ ଫୁଲଟିଏ ଯେବେ
ନ ଫୁଟି ରହିଲା ତାହା ମହା ମରୁ ପରି
ମୋର କ୍ଷୁଦ୍ର ସରୋବରେ ରାଜହଂସ ଯେବେ
ଢନକ ପାଇଁକି ହେଲେ ନ ଆସିଲା ଚରି,

Digitized by srujanika@gmail.com

ମୋର ରାଜପଥ ଯେବେ ନ ହେଲା ନ ହେଲା
ଆନନ୍ଦର କୋଳାହଳେ ନିତ୍ୟ ମୁଖର
ମୋ ଲତାଟି ତଳେ ଯେବେ ପଡ଼ି ପଡ଼ି ଗଲା
ତରୁ ଶିଖେ ଉଠି ନାଇଁ ପାରିଲା ମୁକର !

ସମସ୍ତ ସାଧନା ମୋର ସମସ୍ତ ଆକାଙ୍କ୍ଷା
ଚୂରମାର ହେଲା ଯେବେ ଦିନ ଦିନ ଧରି
ଏତେ ଗୁନ୍ଥି ଏତେ କରି ଏକଇ ନିମେଷେ
ପାରିଲିନି ଯେବେ ମୁହିଁ ବାରେ ସ୍ପର୍ଶ କରି—

ଜୀବନର ଯେ ବାଞ୍ଛିତ ନିଧି ଟିକ ମୋର
କେମନ୍ତେ କଳ୍ପନ ନାଇଁ କୋଟୀ ଅଶ୍ରୁ ଢାଳି
ଏଇ ମାଟି ଏ ଆକାଶ ନୁହେଁ ମୋହ ପାଇଁ
ମୁଁ ଯେହେତୁ ଆସିଛି ମୋର ଦେଶ କାହିଁ ଛାଡ଼ି !

ସତେ କହେ ଏଇ ମାଟି ନୁହେଁ ମୋର ଘର
ନୁହେଁ ମୋର ଆପଣାର ଏ ପଥ ପ୍ରାନ୍ତର
ସତେ କହେ ଜୀବନର ପଲକେ ପଲକେ
କେ ମୋରେ କରୁଛି ଏଥି ହୃଦୟୁ ଅନ୍ତର !

ନାସିକା କୁଞ୍ଚନ କରି ମହା ଅବଜ୍ଞାରେ
କେ ମୋରେ ରଖିଛି ଦୂରେ ଆବର୍ଜନା ପରି
ଲୁହ ମୁଁ ନ କାନ୍ଦି ଖାଲି କାନ୍ଦୁଛି ରକତ
ଶରବିଦ୍ଧ ବିହଗର ଆର୍ତ୍ତନାଦ ସରି !

ହରାଇଛି ବିଶ୍ୱାସ ମୁଁ, ହରାଇଛି ଆଜି
ସକଳ ସାହାସ ଆଶା ଭରସା ମୋହର
ନୁହେଁ ମୁହିଁ ଏ ମାଟିର ମୁଁ ଯେ ଅନ୍ୟ ଜୀବ
କକ୍ଷଚ୍ୟୁତ ହୋଇ ଏଥି ପଡ଼ିଛି ମାତର !

Digitized by srujanika@gmail.com

ମୋ ଦେହ ନୁହଁଇ ଦେହ, ମୋର ସୁଖ ଦୁଃଖ
ନୁହେଁ ସୁଖ ଦୁଃଖ ଖାଲି ମହା ଅବାନ୍ତର
ମୋ ଶୋଣିତ ପ୍ରତିବିନ୍ଦୁ ଭିତରେ ଭିତରେ—
ଯେବେଳେ ନାଇଁ ଜୀବନର ରେଣୁମାନ ଝର !

ନୂତନ ମୁଁ ନୂତନ ମୁଁ ଅତି ହିଁ ନୂତନ,
ନାଇଁ ମୋ ଥିତରେ ପ୍ରାଣ ଭରା ଗଉରବ ।
କାଳ କାଳ ଧରି ମୁଁ ଯେ ସମସ୍ତ ମୁହୂର୍ତ୍ତ
କରୁଣକ ବୁଦବୁଦର ଏଥି ଅନୁଭବ !

କଥା କହ କଥା କହ ମତେ କଥା କହ
କେ କହିବ କଥା ତତେ କଏ ଅଛି ତୋର ?
ଦୂର ପ୍ରତିଧ୍ୱନି ପରି ଫିଟି ହୋଇଯାଏ
କାନେ ମୋର ତାଳି କବା ଅବସାଦ ଘୋର !

ଖୁଜଁ ମୋରେ ଖୁଜଁ ମୋରେ କେ ଖୁଜିବ ତତେ
ମହାଶୂନ୍ୟ ଆସିଯାଏ ନିର୍ମମ ଉତ୍ତର
ବସିଯାଏ ଥକାମାର ମୁହିଁ ଯେବେଳେ ଅବା
କେଉଁ ରାଜପଥ ଧାର ଅକାମୀ ପଥର !

ଆସ ମୋ ପାଖକୁ ଲବେ ଶୁଣିଯାଅ ମୋର
ଜୀବନର ମର୍ମନ୍ତୁଦ ଇତିହାସ ଗୋଟି
ତୋର ପୁଣି ଇତିହାସ ? ଅଟ୍ଟହାସ କରି
କଏ ଖୁଲିଯାଏ ନାଇଁ ପୁଚ୍ଛି କଥା ଦୋଟି !

ଟିକେହେଲେ ରହିଯାଅ ପାଖ ଦେଇ ମୋର
କେ ଯାଉଚ ପଥଭୁଲି ରହ ଦଣ୍ଡେ ରହ
କେ କଥା ରହିବ ? ମୁହିଁ ଶୁଣିପାରେ ନା କି ?
ଲାଗେ କେବେଳେ ଏ ଜୀବନ ଅଶୀବ ଦୁର୍ବହ ।

Digitized by srujanika@gmail.com

କାକୁତି ମିନତି କରି ବଞ୍ଚି ରହିବାଠୁ
ନରକ ଯନ୍ତ୍ରଣା କାହିଁ ଅଛି କରେ ବଡ଼ ?
ଯେଉଁ ବଞ୍ଚି ରହିବାରେ ଯାଏରେ ଦୋହଲି
ମୁହୂର୍ତ୍ତ ମୁହୂର୍ତ୍ତ ଧରି ଏଇ ବୁକୁତଳ !!

ମଣିଷଠୁ ବଳି କିଏ ଅଛିରେ ସୁନ୍ଦର ?
ନିଖିଳ ଏ ଧରଣୀର ଚରାଚର ଧରି
ମଣିଷଠୁ ବଳି କିଏ ଅଛି ବଳୀୟାର
ପାରିବ ଏ ଧରଣୀକୁ ଋଦ୍ଧିମନ୍ତ କରି ?

ମଣିଷଠୁ ବଳି କିଏ ବରିଷ୍ଠ ବିପୁଳ
ଝରି ଝରି ପାରିବରେ ଶତ ଶୋଭା ଢାଳି
ମଣିଷଠୁ ବଳି କିଏ ଅଛି ପ୍ରାଣବାନ
ବେଦନାରେ ଆନନ୍ଦର ମାୟା ଦେବ କାଢ଼ି !

ମଣିଷକୁ ଛାଡ଼ିଦେଲେ ସମସ୍ତ ଏ ମାଟି
ନୁହେଁ କରେ ପ୍ରାଣହୀନ ଅର୍ଥହୀନ ଖାଲି
ମଣିଷ ହିଁ ଚତୁର୍ଦ୍ଦିଗେ ଦେଇଚରେ ୟାର
ଶତ ଶତ ସ୍ୱର୍ଣ୍ଣଶିଖା ଅକାତରେ ଛାଡ଼ି !

କାହିଁ ସେ ମଣିଷ କାହିଁ ପ୍ରାଣର ମଣିଷ ?
ଲୁହସିକ୍ତ ନୟନେ ମୁଁ ରହିଅଛି ଚାହିଁ
ତା' ଟିକକ ପରଶେ ମୁଁ ଉଠନ୍ତରେ ଗାଇଁ
ପାଷାଣୀ ଅହଲ୍ୟା ପରି ଜୀବନ୍ୟାସ ପାଇ

ଯାଆନ୍ତନ ମରି ମରି ଉଠନ୍ତରେ ଫୁଟି
ଅଶୋକ ସ୍ତବକ ପରି ନବ ବସନ୍ତର
କେତେ ନବ ଉନ୍ମାଦନା ସାହସ ଉତ୍ସାହ—
ଭିତରେ ମୁଁ ଝରୁଥାନ୍ତି ନୟନ ଈଶ୍ୱର !

Digitized by srujanika@gmail.com

ହେ ମୋର ମଣିଷ !

ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟତର
ହେ ମୋର ମଣିଷ ! ହେ ମୋର ମଣିଷ ! ହୃଦ ନିର୍ମଳ କର !
ଅମୃତମୟ କର ତୋ ବକ୍ଷ ଅମୃତ ଦିଅ ଭରି
ସନ୍ତାନ ନୋହି ଚାଲିଚୁ କୁଆଡ଼େ ମହା ସଏତାନ ପରି !

ସରଗ ଚଢ଼ିବା ଶକ୍ତି ତୋ' ହାତେ
ନରକ ଗଡ଼ି ତୁ ଚାଲିଚୁ କି ବାଟେ ?
ନୟନେ ତୋହର ପରଳ ମାଡ଼ିଚି କି ମହାଭୟଙ୍କର
ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟତର !

ସ୍ୱଚ୍ଛ ହୁଅ ତୁ ଶୁଦ୍ଧ ହୁଅ ତୁ ମଣି କାଞ୍ଚନ ପରି !
ସିଂହ ପରି ତୁ ଚାଲ୍ ତୋର ବାଟେ ଗଉରବ ବାନା ଧରି,
ତୋର ତେଜେ ହସୁ ଗଗନ ପବନ ନିଖିଳ ଧରଣୀ ତଳ
ଖେଳୁ ଚଉଦିଗେ ନବ ଉଲ୍ଲାସେ ଜୀବନର କଲରୋଳ !

ତୁ ଯେ ବୀରସ୍ୱପ୍ନା ଅବୀର ପରଏ
ଅପଥେ କିଭଳି ଚାଲିଅଛୁ ହାୟେ !
ଶମଶାନ ପରି ତୋ ମାଟି କାନ୍ଦେ କରି କି ଆର୍ତ୍ତସ୍ୱର !
ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟତର ।

ଶତ ଶହୀଦର ତତଲ ରକ୍ତ ଉତଲ କରୁନି ତତେ ?
ବୀର ବୀର୍ଯ୍ୟର ସାଧନା ବାଜୁନି, କର୍ଣ୍ଣ କୁହର ପଥେ ?
ତୋ ପାଇଁ କେ କେତେ ଛାଡ଼ି ସବୁ ମାୟା ଦେଇଚି ଆତ୍ମବଳି
ଅନ୍ତର ତଳେ ସ୍ପନ୍ଦନ ତୋର ଜାଗୁନାହିଁ କେଉଁ ଭଳି ?

Digitized by srujanika@gmail.com

ଏ ଯେ ମାଟି ତୋର ଅତି ଆପଣାର
ତା' ଲାଗି ଝରୁନ ତୋର ଲହୁଧାର ?
ନିଜ ପାଇଁ ନିଜେ ଗୃଳିଚୁ ଏ ମାଟି ଦଳି ପଦତଳେ ତୋର
ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟତର !

ସତ୍ୟ ନ୍ୟାୟର ଶୁଭ୍ର କିରଣେ କପାଳେ ନ ଫିଟେ ଝଲ
ଶଠ କୂଟ ଜାଲ ଷଡ଼ଯନ୍ତ୍ର ଯେ ଉଠେ ଖାଲି ପ୍ରତିଫଳ,
ରସନାରୁ ତୋର ଫୁଟଇ ନିପୁଣ ଭଣ୍ଡ କପଟବାଣୀ
ଶିଖିଚୁ କିଭଳି ଜାଲପାଣ୍ଡି ଖାଲି ବଞ୍ଚିବୁ ମାରିଆଣି ।
ସ୍ୱାଧୀନ ହିସ୍ୟାର ଏ କି କାରବାର ?
ପାଲଟିଚୁ ତୁହି କେଡ଼େ ଜାନୁଆର !
ଜାଗ୍ରତ ହୁଅ ଉତ୍ଥିତ ହୁଅ ଦୃଢ଼ ସଂକଳ୍ପ ଧର
ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟତର !

ତୋହର ମାଟିର କେତେ ମହାତ୍ମା ସାଧକ ସନ୍ଥଜନ !
ବିଶ୍ୱ ପାଇଁ କି ବୁକୁ କାଟି କଲେ ଅମୃତ ବିତରଣ
ତାହାରି ଦାୟାଦ ହୋଇ ବୁକୁ ତଳେ ସେ ମହାଶୋଣିତ ଧରି
ଊର୍ଦ୍ଧ୍ୱେ ତୋହର ନୟନ ପଡ଼ୁନି ନିମ୍ନେ ଯାଉଚୁ ଚଳି !
ବିଘଟ ଭିତରୁ ଜନ୍ମ ତୋହର
ବିଘଟ ଭିତରେ ନିତି ଗତି କର,
ବାଜିବ ତୋହର ଅନ୍ତର ବୀଣା ପୁଲକାଇ ଚରାଚର
ସବୁ ଗରଳରୁ ମଣିଷ ଗରଳ ଅତି ଉତ୍କଟତର ।

Digitized by srujanika@gmail.com

ସ୍ଥାନାନ୍ତର

କବି, ଖଲିକୋଟ ହା.ଇ. ସ୍କୁଲରେ ଶିକ୍ଷକତା କରୁଥିବାବେଳେ ତତ୍ରତ୍ୟ ପ୍ରଧାନ ଶିକ୍ଷକ ଗୋଟିଏ ନୋଟିସ ଜାରିକଲେ ଯେ, ଯେଉଁ ଛାତ୍ରମାନେ ସ୍କୁଲକୁ ସକାଳବେଳା ଆସି ଉପରବେଳା ଆସୁନାହାନ୍ତି—ଶିକ୍ଷକମାନେ ସେମାନଙ୍କର ସମୁଦାୟ ଦିନ ଅନୁପସ୍ଥିତ ବୋଲି ହାଜରିରେ ଲେଖିବେ——କବି ତାହା ଅବୈଧ ବୋଲି ପ୍ରତିବାଦ କଲେ—ତା'ର ଫଳସ୍ୱରୂପ ପ୍ରଧାନ ଶିକ୍ଷକଙ୍କ ଗୁପ୍ତ ଶକ୍ତି ବଳରେ କବିଙ୍କୁ ସତର୍କବାଣୀ ଆସିଲା ଏବଂ ପରେ ପରେ ଗୋଟିଏ ଅପନ୍ତରା ସ୍ଥାନକୁ ସ୍ଥାନାନ୍ତର କରାଗଲା—

ହେଲା ମୋର ସ୍ଥାନାନ୍ତର ଦୂର ଦେଶେ ଦୂର ପଥେ
ଏ ଥାନର ଯେତେ ଯାହା ଛାଡ଼ିବାକୁ ହେବ ମତେ !
ରହିବାକୁ ହେବନାହିଁ ଗୋଟିଏ ମୁହୂର୍ତ୍ତ ହେଲେ
କହିବାକୁ ହେବନାହିଁ କଥାପଦେ ବନ୍ଧୁ ମେଳେ !
ଚାଲିଯିବା ପାଇଁ ହେବ ଯେହ୍ନେ ସାଙ୍ଗେ ସାଙ୍ଗେ ଆଜି
ମୁହିଁ ଯେହ୍ନେ ସଇତାନ, ଦୁଷ୍ଟ ବଦମାସ ପାଜି !
ଅଲୋଡ଼ା ମୁଁ ସକଳର ଯେହ୍ନେ ଅବା ଏଇ ଥାନେ
ଯେହ୍ନେ କାର ଘୋର କ୍ଷତି ମୁଁ ଏଥି ରହିବା ମାନେ
ସେଦିନ ଆସିଲା ମତେ ଏକ ସାବଧାନ ବାଣୀ
ଦେଲି ତା ଉତ୍ତର ମୁହିଁ କରିନ ମୁଁ କାର ହାନି
ହେବ କିମ୍ପା ସାବଧାନ ଦିଅ ମୋତେ ପ୍ରତ୍ୟୁତ୍ତର
ନିର୍ଦ୍ଦୋଷ ନିଷ୍ପାପ ମୁହିଁ ପାନ୍ଥ ସତ୍ୟ ସାହସର !
ଫେରାଇ ନିଅ ଏ ଭ୍ରମ ଅନ୍ୟାୟ ଆଦେଶ ଗୋଟି
ଯା' ପ୍ରତି ଅକ୍ଷରେ ମୁହିଁ ପଦାଘାତ କରେ କୋଟି !

Digitized by srujanika@gmail.com

ଯା ଅନ୍ୟାୟ, ଅନାଚାର, ଯା ଅସତ୍ୟ ଅମଙ୍ଗଳ
କରିଚ ତା' ପ୍ରତିବାଦ କରୁଥିବ ନିରନ୍ତର !
ଚାକିରି କରିଚ ବୋଲି ଦାସତ୍ୱ କରିନ ଜାଣ
ଚାକିରି ଦାସତ୍ୱ ମଧ୍ୟେ ଅଛି—ବହୁ ବ୍ୟବଧାନ !
ଚାକିରି କରିଚ ବୋଲି ମୁଣ୍ଡ ବିକି ଦେଇନାହିଁ
ଯାହା ତୁମେ କହିଯିବ, ଖାଲି କରିଯିବା ପାଇଁ
ଚାକିରି କରିବା ଅର୍ଥ ନୁହେଁ କେବେ ଉପରର
ରହିଥିବା କାହା ପାଖେ ଚିରଦିନ କରଯୋଡ଼ି !
ଦେଶର, ଜାତିର ଅବା, ବ୍ୟକ୍ତିର ଚାକର ସିଏ
ଅଛି ତା'ର ସ୍ୱତନ୍ତ୍ରତା ଭଲମନ୍ଦ ବୁଝି ସିଏ
କରିଯିବ କାମ ତା'ର, ଯାହା ସତ୍ୟ ଶୁଭଙ୍କର
ଏତକ ଯାହାର ନାହିଁ, ଦାସ ସିଏ ଦାସ ଖାଲି
ନିର୍ଲଜ୍ଜରୁ ବଳି ସିଏ ଆହୁରି ନିର୍ଲଜ୍ଜତର !

ହେଲା ମୋର ସ୍ଥାନାନ୍ତର ଦୂର, ଦେଶେ ଦୂର ପଥେ
ତିଳେ ମୋ ପରୁଆ ନାହିଁ ଯିବାପାଇଁ ହେବ ମତେ
ଯେତେ ସିଏ ବନ୍ଧୁ ମୋର କାହିଁକି ବ୍ୟଥିତ ହୁଅ
କାହିଁକି କାନ୍ଦୁଚ ଏତେ ନୟନୁ ବରଷି ଲୁହ !
ତୁମେ ମୋର ଆପଣାର ଚିରଦିନ ଆପଣାର
ତୁମ ସ୍ମୃତି ମୋ ଦରିଦ୍ର ଜୀବନର ଉପହାର !
ସିଂହ ପରି ଆଜି ମୁହିଁ କହୁଚି ତାହାଙ୍କୁ କଥା
ନିମେଷେ ଏ ମାଟି ପରେ ନ ନୁଆଇଁ ମୋର ମଥା
ଜନହୀନ ପ୍ରାଣହୀନ ମରୁବକ୍ଷେ ରଖ ମତେ
ରଖ କେଉଁ ଅପନ୍ତରା ମହା ଅନ୍ଧକାର ପଥେ
ରଖ ହେ ସମୁଦ୍ର ଡେରି କେଉଁ ଦୂର ଟାପୁ ପରେ
ରଖ କେଉଁ ପର୍ବତର ବିକଟ ଗହ୍ୱର ତଳେ !
ନିବିଡ଼ ଅରଣ୍ୟ ଯହିଁ ଶ୍ୱାପଦର ଲୀଳାସ୍ଥଳୀ
ତା' ଭିତରେ ରଖ ମତେ ଯେବେ ଇଚ୍ଛା ଅଛି କରି

Digitized by srujanika@gmail.com

ଚତୁର୍ଦ୍ଦିଗେ ମୋର ଖଞ୍ଜା ବାଡ଼ ମହାବିପଦର
କେକେଇ କୁଟେଇ ମତେ ଯାହା ଇଚ୍ଛା ତାହା କର
ସୀମାହୀନ ଅଭାବ ଓ ବିପଦ ଭିତରେ ପଡ଼ି
ସାତସ୍ଥାନମାନ ହୋଇ ଯାଇପାରେ ପଚି ସଡ଼ି
ମୁଁ ଖଣ୍ଡେ ଜଳନ୍ତା ନିଆଁ ଚିରଦିନ ମୋ ଭିତରେ
ମତେ କିଏ ପାରିବନି, ନିଭାଇ ଏ ଧରାତଳେ !

କେତେ ବନ୍ଧୁ କେତେ ସ୍ମିତ ବିଦାୟ ଦେଉଛ ମତେ
ମୋର ଏଇ ସ୍ଥାନାନ୍ତରେ ବ୍ୟଥିତ ହେଉଛ ସତେ !
ସ୍ନେହ ସୁଖ ଆଳାପନେ କେତେ ଦିନ କେତେ ରାତି
ସୁହାଇ ଦେଇଚେ ଏଥି ସ୍ମୃତିରେ ମିଶାଇ ସ୍ମୃତି !
ବୁଲିଚେ ଏ ବିଲବନ ପାହାଡ଼ ପ୍ରାନ୍ତର ପଥେ
ଦେଖିଚେ ଅନନ୍ତ ଶୋଭା, ଆମେ ଏଥି ଅବିରତେ
ଜଣେ ଜଣକର ହୃଦ ସୁଖ ଦୁଃଖ ନ କହିଲେ
ଲାଗୁ ତ ନଥିଲା ବୋଧ ଏଥି କେବେହେଲେ ଭଲେ ।
ଏ ସବୁର ଆଜ ସତେ ହୋଇଯିବ ଅବସାନ
ଆଉ ଏତେ ପ୍ରିୟତର ହେବ ନାହିଁ ଏଇ ଥାନ ?
ଏତିକି ତୁମକୁ କହେ ଆଜ ଏ ବିଦାୟ ବେଳେ
ମେଣ୍ଢା ପରି ଚଳିବନି ଜୀବନରେ କେବେହେଲେ !
ସମୁନ୍ନତ କରି ମଥା ଏଥି ଚଳିବାକୁ ହେବ
ଭୁଲିବାକୁ ହେବନାହିଁ —ଜୀବନର ଗଉରବ !
ବିଦାୟ ଦିଅ ହେ ବନ୍ଧୁ ! ଗୁଲେ କରି ନମସ୍କାର
ମୁଁ ତୁମର ତୁମେ ମୋର ଚିରଦିନ ଆପଣାର

ହେ ମୋର କୁଟୀର ରାଣୀ ! ଅଶ୍ରୁ କରି ଛଳ ଛଳ
ପଚାରୁଛ କାହିଁ ପାଇଁ ହେଲା ମୋର ସ୍ଥାନାନ୍ତର ?
ଯେ ଯହିଁ ରହିଲେ ସୁଖେ ତୁମେ କିଁ ପଡ଼ିଲ ଖାଲେ
ରହିବ କେଉଁଠି ଯାଇ ସେ କେଉଁ ଜଙ୍ଗଲମାନେ !
ଦିହ୍ର ଦୁଃଖ ହେଲେ କିଏ ଦେଖିବାକୁ ନାହିଁଥିବ
ଚିଠି ଦେଲେ ଯାଇ କେବେ ଦଶ ଦିନେ ପହଞ୍ଚିବ ।

Digitized by srujanika@gmail.com

ପାଖେ ଥିଲି ଘର ପାଖେ ନିତି ଦେଖୁଥିଲି ମୁହିଁ
ତୁମ ଯୋଗୁଁ ଘର ମତେ କି ଅବା ସରଗ ଭୂଇଁ ।
ତୁମକୁ ଜାଣିଚି ମୁହିଁ, ଟିକେ ଗଲେ ଲଇଁ ସଇଁ
କିବା କ୍ଷତି ହେଉଥିଲା ନିଷ୍ଟେ ନେତ୍ରେ ଥାଆନ୍ତି ରହି ।
ତୁମେ ତ କଳିଆ ଲୋକ କେଉଁଠି ପାରୁନ ରହି
ଯେ ଯହିଁ ଦିଅନ୍ତି ତଡ଼ି ତୁମ ପଛରେ ଲାଗି ବହି !

ହେ ମୋର କୁଟିରବଣି ! ବୁଝ ମତେ ବୁଝ ମତେ
କାହାର କରିନି କ୍ଷତି ଜୀବନର ଯାତ୍ରାପଥେ
ନିଜର ସାମାନ୍ୟ ଟିକେ ସୁବିଧା ହାସଲ ପାଇଁ
ଅନ୍ୟାୟର ପାଖେ ମୁଣ୍ଡ ବିକି ମୁଁ ପାରିବି ନାହିଁ
ନିଆଁ ହୁଳା ଭିତରେ ମୋ ଜୀବନ ହୋଇଚି ଗଢ଼ା ।
ଯେଉଁଠି ଦେଖିବି ଟିକେ ଅଳିଆ ବା ଅସକର
ପୋଡ଼ି ଜାଳି ଧ୍ୱଂସ ତାରେ କରିଯିବା ଲକ୍ଷ୍ୟ ମମ
ନଚେତ୍ ପୃଥିବୀ ହେବ ବିରାଟ ଶ୍ମଶାନ ସମ
ଗୃଧ୍ର, ଶ୍ୱାନ, ଶୃଗାଳର ବାସସ୍ଥଳ, ଲୀଳାସ୍ଥଳ,
ଚତୁର୍ଦ୍ଦିଗୁ ମରିଯିବ ଜୀବନ ଅମୃତ ଝର ।
ମୁହିଁ ଚାହେଁ ଚତୁର୍ଦ୍ଦିଗେ ଜୀବନ ଆନନ୍ଦ ମାୟା
ମୁହିଁ ଚାହେଁ ଚତୁର୍ଦ୍ଦିଗେ ସ୍ନେହ ପ୍ରେମ ସତ୍ୟସ୍ପୃହା
ମୁଁ ଚାହେଁ ଆଲୋକ ଖାଲି ଚତୁର୍ଦ୍ଦିଗ ଥିବ ଭରି
ନାଚୁଥିବ ତା' ଭିତରେ ଏଇ ଶ୍ୟାମ—ବସୁନ୍ଧରା
ମୋହର ଟିକିକ ଚେଷ୍ଟା ମୋହର ଟିକିଏ ଦାନ
ପୃଥିବୀର କେଉଁ ଜଣେ ଯେବେ ଆଣିପାରେ ପ୍ରାଣ
ମୋର ଟିକେ ଅସୁବିଧା, ମୋହର ଟିକିଏ କ୍ଷତି
କା ଓଠେ, ଫୁଟାଇପାରେ ଯେବେ ଆନନ୍ଦର ଜ୍ୟୋତି
ମୋ ସମସ୍ତ ସାଧନାର ସେଇ ସ୍ୱର୍ଣ୍ଣ ପରିଣତି
ରହେ କୋଟି ହଇରାଣ, ତହିଁରେ କି ଦୁଃଖ ଅଛି ?

Digitized by srujanika@gmail.com

ନିରାଶାର ଆଶ୍ୱାସ !

କାହାଠି କି ଶିଖି　　　　　ରହିଛି ଗୁପତେ
　　କଏ ବା ଜାଣିଚି କାହିଁ ?
ଜାଣିବାର ବେଳ　　　　　ରହିନି ବହୁତ
　　ସରିନାହିଁ ! ସରିନାହିଁ !
ଗୁହା ଅନ୍ଧକାରେ　　　　　ଜନମିବ ପଛେ
　　ବଢ଼ାଇବ ମୋର ବଳ
ଖୋଜା ପଡ଼ିବ ମୁଁ　　　　　ନିଶ୍ଚୟ ଧନେ ଗୋ
　　ପଦ୍ମରାଗ ହୋଇ କିବା ! ※

※ ଏ କବିତାଟି ୧୯୩୩ ମସିହାରେ ଲିଖିତ । ଏହି ଲେଖକ ଆଜକୁ ୨୫ ବର୍ଷ ତଳେ ପ୍ରକାଶ ପାଇଥିବା 'ପ୍ରାପ୍ତି' ନାମକ କବିତା ଏ କବିତାଟି ଗୃହୀତ ହୋଇଅଛି ।

Digitized by srujanika@gmail.com

ମୁଁ ତୁମକୁ ନମସ୍କାର କରୁଛି !

ଆମ ଗାଁ ବାଉଳୀ ନାନୀ ଦେଖିଲି ମୁଁ, ଯାଉଅଛି
ଏକ ଗାଉଁ ଅନ୍ୟ ଗାଏଁ
ଶୀର୍ଣ୍ଣ ଦେହେ ଆବୋରିଛି ଦରବା ଖଣ୍ଡିଏ;
ଚରି ଯାଇଅଛି ଠାଏ ଠାଏ ।
ବାଟେ ମୋତେ ଦେଖି ପଚାରିଲା
'କେଉଁଆଡ଼େ ଯାଉଅଛୁ ପୁଅ !
ମୁଁ ବଡ଼ ଅନାସ୍ଥ ହୋଇ ଚାଲୁଛିରେ ବାବୁ !'
କହୁ କହୁ ନେତ୍ରପ୍ରାନ୍ତ ବୋହିଗଲା ଲୁହ !
ଠିଆହେଲି, ଚାହିଁଲି ଟିକିଏ ତାରେ

ଆଖି ତାର ସକରୁଣେ ରହିଅଛି ଚାହିଁ !
ଦେଲି ମୁଁ ଦୁଇଟି ଟଙ୍କା
'ନେଏ ନାନୀ କରିବୁ ଖରଚ
ପାଖେ ତୋର କିଛିଥିବ ନାହିଁ ।'
'ହଁ, ବାବୁ ! ତୁ ଦେଲୁ ମୁଁ ନେଉଛି
ତୁ' ତ ଭାଇ ! ଦିଅନ୍ତୁ ନାହିଁକି ?
କିନ୍ତୁ କାହେ କହିବୁନି,
ଶୁଣିଲେ କହିବେ ଲୋକେ
'ଭିକ ମାଗି ଚାଲୁଛି ସେ ଗୋଟେ ଭିକାରୁଣୀ'
'ନା' ନା ! କହିବିନି କା'ରେ,
କହିବା ମୋ କିବ ଲୋଡ଼ା କହ ?'
କିନ୍ତୁ ତା' ପଦକ ବାଣୀ
ମତେ କଲା ଆକୁଳ ଅଥୟ !

Digitized by srujanika@gmail.com

ଦୁଃଖିନୀ ସେ, ଅଭାଗିନୀ ସିଏ,
କିନ୍ତୁ ନୁହେ କାଙ୍ଗାଳୁଣୀ, ଭିକାରୁଣୀ, କୁପଥ ଗାମିନୀ
ଜୀବନର ମର୍ମନ୍ତୁଦ ଅଭାବ ଅନାହାର ଯନ୍ତ୍ରଣା ଭିତରେ,
ଆପଣାର ମହତ୍ତ୍ୱ ଟିକକ ଧରି,
ଚାଲିଅଛି ଜନ ସମାଜରେ ।
ମଣିଷ ହସି ହସି ମରିପାରେ;
କିନ୍ତୁ ମହତ୍ତ୍ୱ ଟିକକ ମାରିବାକୁ ରାଜି ନୁହେ !
ତା' ଅନ୍ତର ମନ !
ମାନ ମହତ୍ତ୍ୱର ଶେଷ ପରେ
ମଣିଷ ପାଲଟିଯାଏ ଗୋଟାଏ ଅସ୍ଥିର ବଣ !
ସମସ୍ତ ଯାଇଛି ତୁମର ନାନି !
ଘର, ଦ୍ୱାର, ବିଭବ
ଅସୀମ ଦୁଃଖରେ,
ତୁମ ସାରା ଜୀବନ ହେଉଛି ଛଟ ପଟ !
ସମାଜ ତୁମକୁ ଅନାଦର କରିପାରେ,
କିନ୍ତୁ ତୁମେ ପେଟ ପାଇଁ
ମାନ ମହତ୍ତ୍ୱ, ଇଜ୍ଜତ ବିକି
ଅସ୍ଥିର ବଣ ପାଲଟି ଯାଇନ;
କିଏ ତୁମକୁ ହତାଦର କରିପାରେ ନାନି !
ନଜରକୁ ହୁଏତ ନ ଆଣି ପାରେ;
କିନ୍ତୁ ତୁମକୁ, ଘୃଣା କରି ବକ୍ରୁ
କାହାର ଜିଭ ଲେଉଟିବ ନାହିଁ ନାନି ।
ଜୀବନର ସକଳ ଦୁଃଖ ଠାରୁ ବଡ଼ ଦୁଃଖ
ମାନ ମହତ୍ତ୍ୱ ଇଜ୍ଜତର ଅପମାନ,
ମୃତ୍ୟୁ ପରେ ବି,
ସେ ଅପମାନ ଲିଭିଯିବ ନାହିଁ;
ତୁମର ସେ କଳଙ୍କ ନାହିଁ;
ଭୟ କାହିଁକି ନାନି ?

Digitized by srujanika@gmail.com

ଏ ଭୀଷଣ ପୃଥିବୀ
ତୁମକୁ ଶତ ସହସ୍ରବାର ଅନାଦର କରୁ,
ଘୃଣ୍ୟ ଆଖିରେ ଦେଖୁ,
ତୁମର ଦୁଃଖ କରିବାର କଥୁନାହିଁ ନାନ !
ଆଖିର ଲୁହରେ ଯେ ବଞ୍ଚି ରହେ,
ନିଜର ସକଳ ମାନ ଇଜ୍ଜତ ଓ ମାନବିକତାକୁ
କ୍ଷଣିକ ପାଇଁ କି ହେଲେ ମାରି ନ ଦେଇ,
ସେ ଘୃଣ୍ୟ କାହିଁକି ହେବ ନାନ !
ନା !
ତୁମେ ଗୋଟିଏ ମାଟିର ଦୀପ,
ତୁମକୁ କିଏ ନ ପଚ୍ଛରୁ,
ତୁମେ ସ୍ନିଗ୍ଧ,
ତୁମେ ସୁନ୍ଦର,
ତୁମେ ଶୁଦ୍ଧ,
ତୁମେ କଳଙ୍କର ବହୁ ଦୂରରେ !
ତୁମେ ସକଳର ନମସ୍ୟା,
ମୁଁ ତୁମକୁ ନମସ୍କାର କରୁଛି ନାନ !!

Digitized by srujanika@gmail.com

ଯିବନ ଯିବନ ଫେର !

—ଏକ—

ମୁଁ ଯିବନ ଯିବନ ଯିବନ କୁଟୀରେ ଫେର,
ଏ ନୀଳ ଚିଲିକା, ଏ ନୀଳ ପାହାଡ଼, ଏ ନୀଳ ଆକାଶ
ରହିଥାଉ ମତେ ଘେରି,
ଯିବନ ଯିବନ ଫେର;
ଶତେକ ଊର୍ମି ବାହୁଟୋଳି କିଏ ଆଶ୍ଳେଷ କରେ ମତେ,
କାହା ନୟନର ଅସୀମ ନୀଳିମା ନିର୍ମମ ନଭ ପଥେ—
କେବଣ ଅଜଣା ଅମୃତ ଧାମେ, ନଗୁଇ ନଗୁଇ ନିଏ,
କାହାର ବିଶାଳ ହୃଦୟୁ ପରଶ କିଏ ମୋରେ ଯାଚି ଦିଏ !
କଳ୍ପଲୋକର କନକପୁଷ୍ପରେ କିଏ ଠିଆକରେ ମତେ ।
କିଏ ସେ ବିରାଟ ଚିର ସୁନ୍ଦର ଧରି, ଧରି ନୁହେଁ ସତେ !

ମୁଁ ଯିବନ ଯିବନ ଯିବନ କୁଟୀରେ ଫେର,
ଏ ନୀଳ ଚିଲିକା, ଏ ନୀଳ ପାହାଡ଼, ଏ ନୀଳ ଆକାଶ
ରହିଥାଉ ମତେ ଘେରି,
ଯିବନ ଯିବନ ଫେର;

—ଦୁଇ—

ମୁଁ ଯିବନ ଯିବନ ଯିବନ କୁଟୀରେ ଫେର,
ଏ ନୀଳ ଚିଲିକା, ଏ ନୀଳ ପାହାଡ଼ , ଏ ନୀଳ ଆକାଶ
ରହିଥାଉ ମତେ ଘେରି,
ଯିବନ ଯିବନ ଫେର;

Digitized by srujanika@gmail.com

ମହା ଜଗତର ମହା ଅସୀମର ସାମାନ୍ୟ ମୁହିଁ ରେଣୁ
ସେଇ ଅସୀମର ସାଥେ ହସି ଖେଳ ବଜାଏ ଅସୀମ ବେଣୁ;
ସେହି ମହା ନଟ ସାଥେ ତାଳେ ତାଳେ ନୃତ୍ୟ ମୁଁ କରେ ଆଜ
ଛନ୍ଦେ ଛନ୍ଦେ ମହା ଅସୀମର ଗାଇ ସଙ୍ଗୀତ ଗଜ,
ଅସୀମ ମୁଁ ଆଜ, ଅରୂପ ମୁଁ ଆଜ, ମୁହିଁ ଅମୃତ ପ୍ରାଣ
ମହାଆଲୋକର ଉଚ୍ଛ୍ୱାସେ ଆଜ କରେ ମୁଁ ଗଭୀରେ ସ୍ନାନ;

ମୁଁ ଫିବନ ଫିବନ ଫିବନ କୁଟୀରେ ଫେର
ଏ ନୀଳ ଚିଲିକା, ଏ ନୀଳ ପାହାଡ଼, ଏ ନୀଳ ଆକାଶ,
ରହିଥାଉ ମତେ ଘେରି,
ଫିବନ ଫିବନ ଫେର;

Digitized by srujanika@gmail.com

କେଉଁ ଅନ୍ଧାରେ ଚାଲ ବାହି ତୁମ ତରଣୀ!

ଯେଉଁଠାରେ ନାହିଁ ହୃଦ ଢିଆ ଦେଇ ଟିକଏ
ଇମିତି ଗଇଜ କଏ କାହିଁ ଅଛୁ ଦେଖି ହେ ?
କଥାକେ କଥାକେ ଖାଲି ଚାଲ୍ ବାଜି ଖେଳଇ
ଜଣକୁ ଜଣେ ଯେ ଜଗି ଜଗି ଖାଲି ଚଳଇ !

ଜଣେ ଯେବେ ହସି ହୃଦଭରି କଥା କହଇ
ଆନ ଜଣେ ଖାଲି ଗମ୍ଭୀର ହୋଇ ରହଇ !
ସେନେହ ସୋହାଗ ମଧୁ ଆଳାପନ ଭିତରେ
ଖୁରି ଧରି ଜଣେ ଚୋଟି କାଟି ଚାଲେ ସତରେ ।

ସତ କହିବାକୁ କା'ର ଛାତି ନାହିଁ ପତାଏ
ମିଛ କହିବାକୁ ଜଣେ ଯେ ଜଣକୁ ବତାଏ
ମିଛରେ ଭଣ୍ଡି ଯେ ଯାରେ ପାରିଲା ମାରି ହେ
ସେ ପୁଣି ସବୁଠୁ ପାରିବାର ଅଟେ ଭାରି ହେ ।

ହଟହଟା କରି ଆନକୁ ପାରିବା ଦବାଇ
ଆନର ବପଦେ ହସି ବାହାଦୁରି ନବାହିଁ—
ପୌରୁଷ ବୋଲି ଗର୍ବେ ଯେ ଛାତି ଟେକଇ
ସିଏ ପୁଣି ସାରା ମଣିଷ ଦୁନିଆ ଲେଖଇ !!

ଆଜି ସିଏ ତୁମ ବନ୍ଧୁ ପଡ଼ିଶା ଭାଇ ହେ
କାଲି ହ' ଗୋଇଠା ଦେଲଣି ତାହାକୁ ଥୋଇ ହେ
ପରଧନ ତାକୁ ପଥ ଭିକ୍ଷୁକ କଲଣି
ଜୀବନ ଧରି ଯା ବଞ୍ଚିରହିବ, ମଲନି ?

Digitized by srujanika@gmail.com

ସୀମାହୀନ କେତେ ଜୀବନର ତେଜ ଖେଳଇ
ଗ୍ରହିଁଦେଲେ ତଳେ ଅନ୍ତର କେତେ ପୂରଇ ?
ଏ ମହାଲୀଳାରେ ଆଶ୍ଳେଷ ଦେଇ ନିହୁତ
ଝୁଲିବାକୁ ତୁମ ଇଚ୍ଛା ହେଉନି କହୁଚ ?

ଅନ୍ତର ଭରି ଦୁନିଆକୁ ଭଲ ପାଇବା!
ଦୁନିଆ ଓଠରେ ହସର ଜୁଆର ବାନ୍ଧିବା
ଏ କି ନୁହେଁ ତୁମ ଜୀବନର ମଧୁ ସରଣୀ ?
କେଉଁ ଅନ୍ଧାରେ ଝୁଲ ବାନ୍ଧି ତୁମ ତରଣୀ ?

Digitized by srujanika@gmail.com

ସମ୍ରାଟ ଓ ଫକୀର

ଅଖିଳବିଶ୍ୱର ସ୍ରଷ୍ଟା ସେ ଦିନ ଦେଲେ ଯେ ଘୋଷଣାଟିଏ
"ସାରା ଧରଣୀର ସମ୍ରାଟ ପଦ ପାଇବାକୁ ଲୋଡ଼େ କଏ ?
ଆଣିଥିବ କରେ ମୁକୁଟ ଗୋଟିଏ ଅତି ସୁନ୍ଦରତର,
ଶତ ମଣି ଶତ ମୁକ୍ତାର ତେଜେ ଦିଶୁଥିବ ଝଲମଲ !

'ସମ୍ରାଟ ହେବ ସମ୍ରାଟ ହେବ ମୁହିଁ ହେବ ସମ୍ରାଟ'—
ବୋଲି, ସମ୍ମୁଖେ ମୋର ଯେ, ଟେକିବ ଉଚେ ଯୁଗଳ ହାତ'
ମୁକୁଟ ମୁଁ ତାର ଶିରେ ଖଚି ଦେବ, ସେହି ହେବ ସମ୍ରାଟ,
ଧରଣୀର ପ୍ରତି ଅନ୍ତରୁ ସେହୁ ପାଉଥିବ ପ୍ରଣିପାତ ।

ଯାହା ସେ କହିବ, ଯାହା ସେ ଚାହିଁବ ସକଳ ପାରିବ ପାଇ
ଧନ ଜନ ମାନ କେଉଁ ସମ୍ପଦୁ ଊଣା ସେ ହୋଇବ ନାହିଁ ।"
କେତେ ଦିନ ପରେ ନିଖିଳ ସ୍ରଷ୍ଟା ଦେଖିଲେ ଯେ ସମ୍ମୁଖେ
ମଣିଷର ମହାପାରାବାର କିବା ଚାହିଁଅଛି ଉତ୍ସୁକେ !

ପ୍ରତି ଅନ୍ତରେ ପୁଲକ-ଉର୍ମି-କଳ-ବେଣୁ ତୋଳି ଖେଳେ,
ପ୍ରତି ଅନ୍ତରେ ସମ୍ରାଟ ଆଶା କି ବିରାଟ ହୋଇ ଜଳେ !
ସ୍ରଷ୍ଟା ଯେବେ ସେ ଠିଆହେଲେ ଆସି ଏ ମହାଜନତା ଆଗେ
'ସମ୍ରାଟ ହେବ' 'ସମ୍ରାଟ ହେବ' ଖାଲି ଚିତ୍କାର ଜାଗେ !!

କାହା ଶିର ନାହିଁ ଅବନତ ହେଲା ସ୍ରଷ୍ଟା ଚରଣ ତଳେ,
ସମ୍ରାଟ ପଦ-ନିଶା-ଉନ୍ମତ୍ତ ଜନତା ଉଚ୍ଚସ୍ୱରେ—
ଚିତ୍କାର କରେ ଚିତ୍କାର କରେ 'ମୁହିଁ ହେବ ସମ୍ରାଟ' !
ସ୍ରଷ୍ଟା କହିଲେ ଜନତାର ଆଗେ ଉତ୍ତୋଳି ବେନି ହାତ—

Digitized by srujanika@gmail.com

"ଦୁଃଖର କଥା ଜାଣିନଥିଲି ମୁଁ ସବୁ ହେବେ ସମ୍ରାଟ,
ଆଣିଚ ଜମା ମୁଁ ଗୋଟିଏ ମୁକୁଟ କାହିଁ ନିଷ୍ପତ୍ତି ବାଟ ?
ଆଜ ଦିନେ ସବାର ନିଷ୍ପତ୍ତି ହେବ, ଆଜ ମୁଁ ଯାଉଚି ଚାଲି,
ଫକୀର ହେବାକୁ କଏବେ ଲୋଡ଼ୁଚି ଆସିବ ଏ ଥାନେ କାଲି ।

ଆଣିଥିବ ମୁହିଁ ଗୈରିକ ବାସ ପିନ୍ଧାଇ ଦେବି ତାରେ
ଘର ପରି ସେହୁ ଥିବ ଅବିଚଳ ଦୁଃଖ ଓ ହାହାକାରେ ।
ମୋର ଧରଣୀର ପ୍ରତି ଅନ୍ତରେ ଦେବ ଆନନ୍ଦ ବାଣୀ,
ଆପଣାରୁ ବଳି ଅନ୍ତ ଆପଣାର ଦେଖିବ ସକଳ ପ୍ରାଣୀ,

ନଥିବ ତାହାର ପର ଓ ଆପଣା ନାହିଁଥିବ ଘରଦ୍ୱାର,
ଆକାଶ ଅବନୀ ସ୍ୱର୍ଗରୁ ବଳି ହେବ ତା'ର ପରିବାର ।"
ସେଦିନ ଆସିଲେ ସ୍ରଷ୍ଟା ହାତରେ ଗୈରିକ ବାସ ଧରି
ଦେଖିଲେ କେ ନାହିଁ, ଦୂରେ ହସୁଚି କେ ଗୋଟିଏ ଚିହ୍ନ ପରି,

ଚାଲିଲେ ସ୍ରଷ୍ଟା ଯେତେ ଆଗେ ଆଗେ ଉଜ୍ଜ୍ୱଳ ଚାରିଆଡ଼,
ମଣିଷ ଗୋଟିଏ ନାଚି ନାଚି ଆସେ ଆନନ୍ଦ-ମତୁଆଳ;
ସ୍ରଷ୍ଟା ଚରଣେ ନତ କରି ଶିର କହେ ବାର ବାର ନର
"ଚିରକାଳ ମତେ ଏ ଫକୀର ବେଶେ ରଖିଥାଅ ନରହରି !

ତୁମରି ରାଇଜେ ଫକୀର ହୋଇ ମୁଁ କାଟିବି ଏ ମୋର କାଳ,
ମୋର ଯାହା ଅଛି ମହାବିଶ୍ୱର ପାଉ ତାହା ଚାରିଆଡ଼ ।"
ସମ୍ରାଟ ଶିର ମୁକୁଟ ଗୋଟିକ ବାନ୍ଧି ତାହାର ଶିରେ,
ହସି ହସି ତା'ରେ ସ୍ରଷ୍ଟା କହିଲେ ମଞ୍ଜୁ ମଧୁର ଗୀରେ

'ତୁମେ ଧରଣୀର ସମ୍ରାଟ ଲାଗି ଏକଇ ମାତ୍ର ପୁଅ
'ତୁମରି ଭିତରେ ବିକଶି ଉଠଇ ବିଶ୍ୱ ପ୍ରାଣର ସୁଅ ।"

Digitized by srujanika@gmail.com

ପଡ଼ିଛ ଏ ଶ୍ରମିକଟି ଶୋଇ !

ଦିନଯାକ ହାଡ଼ଭଙ୍ଗା କାମ କରି କରି,
କ୍ଳାନ୍ତ ଆଉ ଅବସାଦ ଭରେ,
ପଡ଼ିଛ ଏ ଶ୍ରମିକଟି ଶୋଇ,
ବିସ୍ତୀର୍ଣ୍ଣ ମୁକୁଳା ଏଇ ଘାସ ପଡ଼ିଆରେ !
ମାରୁଛ ଘୁଙ୍ଗୁଡ଼ି,
ଆରାମେ ପଡ଼ିଛ ଶୋଇ,
ସବୁ ଦୈନ୍ୟ, ଅଭାବ ଜଞ୍ଜାଳ ଜ୍ୱାଳା,
ଯେହେତୁ ଯାଉଅଛୁ ଭୁଲି !
ଶୋଉ ! ଶୋଉ ! ଆହୁରି ନିବିଡ଼ ନିଦେ ଶୋଉ,
ସାଥୀ ! ତାରେ
ଉଠାଅନି ଉଠାଅନି କେହି;
ପ୍ରାଣ ଦାମୀ ସୈନିକ ସେ
ଏ ମାଟିର, ଏ ଦେଶର, ଏଇ ସମାଜର
ଚାହୁଁଛ କି ତାରେ,
ଅବଜ୍ଞାର ଦୃଷ୍ଟି ଢାଳି ?
ନା ! ନା ! ଶୋଉ ସିଏ, ଆହୁରି ନିବିଡ଼ ନିଦେ,
ପୃଥିବୀର ଏ ଘାସ ଶଯ୍ୟା ପରେ,
ପୃଥିବୀ ତାହାର ଘର,
ଘର ତାର ବନ୍ଧା ନୁହେଁ
କ୍ଷୁଦ୍ର ମାଟି ଡେକକରେ ।
ଚାହଁ ତାରେ, ପ୍ରାଣ ଭରି
ହୃଦ ଭରି ଚାହଁ ତାରେ ଥରେ;

Digitized by srujanika@gmail.com

ଯାନି ! ତୁମେ ଯାଉଅଛ
ଏଇ ପଥପାର୍ଶ୍ୱେ, କରି କୋଳାହଳ !
ଯାଅ, କିନ୍ତୁ
ଭାଙ୍ଗି ନ ତାହାର ନିଦ,
ଦିଅ ତାରେ କ୍ଷଣେ ଅବସର;
ଭଲ କରି ଶୋଉ ସିଏ, ଦେଖୁଥାଉ ସ୍ୱପ୍ନ ଆନନ୍ଦର !
ଯାନି ! ତୁମେ କରୁଚ କି ଉପହାସ ?
ତାହାର ଜୀବନ ନାହିଁ ?
ତାହାର ଆନନ୍ଦ ନାହିଁ ?
ସିଏ ଖାଲି, ଗୋଟିଏ ଗୋଟିଏ ପିଣ୍ଡୁଳା
—ପ୍ରାଣହୀନ ପ୍ରାଣୀ !
ଗାଈଗୋରୁ ମଇଁଷି ପରିଏ,
ପଥଧାରେ ପଡ଼ିଅଛି ଶୋଇ
ମଶା ଓ ଡାଉଁଶ ତାରେ ରହିଛନ୍ତି ବେଢ଼ି;
ଜୀର୍ଣ୍ଣ ବାସ ପରିହିତ ହୋଇ
ବାହୁ-ଉପାଧାନେ ରହିଅଛି ପଡ଼ି ?
ନା ! ନା ! ମନୁଷ୍ୟର ମନୁଷ୍ୟ ସେ,
ପୃଥିବୀରେ ରହିଅଛି ଧରି !
ଶୋଉ ସିଏ, ଟିକିଏ ଆରାମେ ଶୋଉ,
ଆଉ କେତେ ଘଡ଼ି !

Digitized by srujanika@gmail.com

ସମାଧି ମନ୍ଦିର

ଯେ’ ଦିନ ମୋହର ଜୀବନର ଦୀପ ଲିଭିଯିବ ଏଇ ପଥେ,
ଯେ’ଦିନ ମୋହର ଲଳିତ ବଂଶୀ ବାଜିବନି ଅଧରତେ,
ଯେ’ଦିନ ମୋହର ଦେଖାସାକ୍ଷାତ ହେବନାଇଁ କାହା ସଙ୍ଗ,
ଯେ’ଦିନ ମୋହର ଶତସଖା ସାଥି ଅନ୍ତର ପରିଚୟ—
ସକଳ ସାଥେ ମଧ୍ ବନ୍ଧନ ନିମିଷକେ ଯିବ କଟି,
ଯେ’ଦିନ ନୟନ ଦେଖିବନି ଏଇ ବିଲ ବନ ଗଛ ଲଟି,
ଯେ’ଦିନ ମୋହର ସକଳ ସତ୍ତା ଧରଣୀରୁ ନିଭିଯିବ,
ଆପଣାର ହୋଇ କିଏ ଯେବେ କାହିଁ ବନ୍ଧୁ ସୋଦର ଥିବ,
ଗରିବ କବିର ଏଇ ଅନୁରୋଧ ରକ୍ଷା କରିବ ତମେ
କହିଯାଉଚି ମୁଁ ତୁମର ବନ୍ଧୁ ଅତି ଆପଣାର ଜଣେ—
ମୋର ସମାଧିର ମନ୍ଦିରଟିଏ ଗଢ଼ିବ ହେ ସେଇ ଥାନେ,
ଗିରି ନଦୀ ଯହିଁ କହିଯାଏ ନିତି ମନ୍ଦ୍ର ମଧୁର ତାନେ ।

ଯହିଁ ଠିଆ ହେଲେ ଦିଶଇ ସୋଲଗି ମାଳ ନିର୍ମଳ କାୟା,
ଊର୍ମି ମୁଖର ମାଳ ଚିଲିକାର ଦିଶଇ କାନ୍ତ ଛାୟା,
ପଶ୍ଚିମ ଦିଗ୍‌ବଳୟର ତଳେ ଧୂସର ପାହାଡ଼ ଶ୍ରେଣୀ,
ଧରଣୀ ରାଣୀ କି ପକାଇଚି ଜୁଡ଼ା, ବାନ୍ଧିଚି କଳା ବେଣୀ
ଚଉଦିଗେ ଖାଲି ଶ୍ୟାମଳ ଶସ୍ୟ କୋମଳ ଶୀର୍ଷ ତୋଳି
ଉଷାର ମୃଦୁଳ ବାୟୁ ସଞ୍ଚାରେ ଉଠୁଥିବ ସୁଖେ ଦୋଳି,
ଭଦଭଦଳିଆ ଉଡ଼ିବୁଲୁଥିବ ଲଟା ପ୍ରାନ୍ତର ତଳେ,
କଣ୍ଟ୍ୟଳପାଣ୍ଡି ଖୋଜୁଥିବ ସାଥି ଉଡ଼ି ଉଡ଼ି ଥରେ ଥରେ
ଗାଈଆଳ ପିଲା ବଂଶୀ ବଜାଇ ନେଉଥିବ ଧେନୁପଲ,

Digitized by srujanika@gmail.com

ବନ ଭୂଇଁ ଯହିଁ ଟିପାର ଶବଦେ ଲାଗୁଥିବ ସୁଖକର,
ମୋର ସମାଧିର ମନ୍ଦିରଟିଏ ଗଢ଼ିବ ହେ ସେଇ ଥାନେ,
ଗିରି ନଦୀ ଯହିଁ ବହିଯାଏ ନିତି ମନ୍ଦ୍ର ମଧୁର ତାନେ ।

ଫୁଟିଉଠେ ଯହିଁ ଅଶୋକ ପଲାଶ ଜୈତ୍ର ପତାକା ପରି,
ଅଳିଗୁଞ୍ଜନ ସଞ୍ଜ ସମୀରେ ମନ୍ଦେ ଉଠଇ ଥରି,
କେତକୀ ଗନ୍ଧେ ଯେଉଁ ବନଭୂମି ବାସିଉଠେ ମନ୍ଦ ମନ୍ଦ,
(ଯହିଁ) ଶୁଭ୍ର ଗପୂସ ଧଳାମେଘ ପରି, ଫୁଟିଥାଏ ଅହରହ
ବନମଲ୍ଲିକା ମାଡ଼ିଥାଏ ଯହିଁ ପାଣି ସାହାଡ଼ାର ଦେହେ,
କାଇଁଆ ପୁଞ୍ଜି ମାଣିକ୍ୟ ପରି ଥାଏ ଯହିଁ ଲତା ଗେହେ,
ବଟତରୁ ଯହିଁ ଶ୍ୟାମ ପଲ୍ଲବ ଆପଣା ଅଙ୍ଗ କାଢ଼ି,
ମଣ୍ଡିତ କରେ ଧରଣୀ ବକ୍ଷ ସେନେହେ ସୋହାଗ ବାଢ଼ି,
ଆକାଶ ପରଶୀ ତାଳତରୁ ଶିରେ ବାଇଆ ଚଢ଼େଇ ନୀଡ଼,
ପ୍ରତି ଅନ୍ତରେ କଉତୁକ ଆଣେ, ଆଣେ ମାୟା ସୁଗଭୀର
ମୋର ସମାଧିର ମନ୍ଦିରଟିଏ ଗଢ଼ିବ ହେ ସେଇ ଥାନେ,
ଗିରି ନଦୀ ଯହିଁ ବହିଯାଏ ନିତି ମନ୍ଦ୍ର ମଧୁର ତାନେ ।

ପଲ୍ଲୀ କିଶୋରୀ ଜଳ କାଖେ ଧରି ଯହିଁ ସଙ୍ଗିନୀ ତୁଲେ
କଥାଭାଷା ହୋଇ ଫେରଇ ସୋହାଗେ ଆପଣା କୁଟୀର ପୁରେ,
ଗରିବ ବିଧବା ଇନ୍ଧନ ଯହିଁ ସଂଗ୍ରହ କରି ଆସେ;
ଜୀବନର କଥା ଭାଳି ଭାଳି ଯହିଁ ନୀରବ ଲୋତକେ ଭାସେ,
ଗଛ ଛାଇ ତଳେ କାଠ ଓଜରି ଦେଇ ଶ୍ରାନ୍ତ ନିମିଷେ ମାରି,
ଶୂନ୍ୟକୁ ଚାହିଁ ଅଶ୍ରୁ ବୁହାଇ କହେ "ମୁଁ ଅଭାଗୀ ନାରୀ···
ହାତଧରି ଯାରେ ବାହା ହୋଇଥିଲି ଅଧାବୟସରେ ଗଲା,
ଗାଆଁ ସାଉକାର ଜମିବାଡ଼ି ନେଇ ବୁଲାଇଲା ଘରେ କଳା
ଧର୍ମ ଦେବତା ଉପରେ ନିତି ହେ ଯିବାଆସିବା ଯେ କରି;
ବୁଝିବ ମୋହର ବିକଳ ଅଶ୍ରୁ ବେଦନା ମୋ ମରମରି ।"

Digitized by srujanika@gmail.com

ମୋର ସମାଧିର ମନ୍ଦିରଟିଏ ଗଢ଼ିବ ହେ ସେଇ ଥାନେ,
ଗିରି ନଦ ଯହିଁ ବହିଯାଏ ନିତି ମନ୍ଦ୍ର ମଧୁର ତାନେ ।

ଶାନ୍ତ ନିରୀହ କୃଷକ ଯେ ପଥେ ନିଜ ବଳମାନେ ଚାହିଁ
ନୟନୁ ବୁହାଏ ଅଶ୍ରୁ-ଆସାର ଚାହିଁ ଚାହିଁ ପାରେ ନାହିଁ;
ବୁକୁତଳୁ ତାର କୋହ ଫାଟିପଡ଼େ ବଦନୁ ନ ଫୁଟେ ବାଣୀ
'ଏ ହାଡ଼ ମୁଣ୍ଡେ କେତେଥର ମୁହିଁ ବୋହିନାଇଁ ଝାଳେ ପାଣି,
କେତେ ରାତି, କେତେ ସନ୍ଧ୍ୟା ସକାଳ ଶସ୍ୟ ଜଗିନି ଆସି
ଖରାରେ ତରାରେ କାମ କରିନି ଆଠକାଳ ବାରମାସୀ;
ମିଥ୍ୟା ମାମଲା ଯୋଡ଼ି ମୋହର ନାମେ ମୋର ଏ ଟିକକ ଭୂମି,
ନେଇଗଲା ଯେହୁ ସାତ ଜନମରେ ନାହିଁ ମିଳୁ ପେଜ ପାଣି ।
ଧରଣୀ ଉପରେ ମିଥ୍ୟାର ଆହା। ଜୀବନ କାହିଁରେ କାହିଁ ?
କେତେ କାଳ ସେହୁ ବଞ୍ଚିପାରିବ କିବା ସମ୍ମାନ ପାଇଁ,
ମୋର ସମାଧିର ମନ୍ଦିରଟିଏ ତୋଳିବ ହେ ସେଇ ଥାନେ
ଗିରି ନଦୀ ଯହିଁ ବହିଯାଏ ନିତି ମନ୍ଦ୍ର ମଧୁର ତାନେ;

ଜ୍ୟୋତ୍ସ୍ନା ରାତିରେ ପୁରପଲ୍ଲୀରେ ପୁରାଣ ଓ କୀର୍ତ୍ତନ
ଶୁଭୁଥିବ ଯହିଁ ବାୟୁହିଲ୍ଲୋଳେ ଭାସି ଭାସି ଅନୁକ୍ଷଣ,
ନୀଳ ନଭତଳେ ଧଳାମେଘ ଯହିଁ ଯାଉଥିବ ସଞ୍ଚରି,
ସେ କେଉଁ ସରଗ ଅପ୍‌ସରୀ ବାଳା ଓଢ଼ଣା ଉଡ଼ିଲା ପରି
ବନ ପର୍ବତ ଆକାଶ ଭୁବନ ରୂପାର ରାଇଜ ପରି;
ନାଚି ଉଠୁଥିବ ସପନ ପୁରୀର ମୁଗ୍‌ଧ ସୁଷମା ଧରି,
ଅଳସ ମରୁତ ବହିଯାଉଥିବ ସଞ୍ଚରି ବନେ ବନେ
ବକୁଳ ଗନ୍ଧ ଭାସି ବୁଲୁଥିବ ଚଉଦିଗେ ପ୍ରତିକ୍ଷଣେ;
ମଲ୍ଲୀ ମାଳତୀ ଝଡ଼ିପଡ଼ୁଥିବ ଶ୍ୟାମ ବନଭୂଇଁ ଧାରେ
ଦର୍ପଣ ପରି ଦିଶୁଥିବ ନଈ ସ୍ୱର୍ଣ୍ଣସିକତା ବାରେ;
ମୋର ସମାଧିର ମନ୍ଦିରଟିଏ ଗଢ଼ିବ ହେ ସେଇ ଥାନେ,
ଗିରି ନଦୀ ଯହିଁ ବହିଯାଏ ନିତି ମନ୍ଦ୍ର ମଧୁର ତାନେ;

Digitized by srujanika@gmail.com

ମୋର ସମାଧିର ମନ୍ଦିର ସ୍ଥଳେ ଏଇ କଥା ଦେବ ଲେଖି
ଅସୀମ କାଳର ବକ୍ଷ ଜନତା ଯାଉଥିବ ଯାହା ଦେଖି,
'ଧରଣୀର କେଉଁ ଅଜ୍ଞାତ କୋଣେ ଜନମିଥିଲା ମୁଁ କବି
କୋଟି ମରମର କାହାଣୀ ଗାଇଛି ମରମରେ ଅନୁଭବି ।
ସବୁ ଅନ୍ତର ଅନୁଭୂତି ଘେନ ଏଇ ଅନ୍ତର ମମ
ଧରଣୀର ସେବା କରି ଆସିଅଛି କବିତାରେ ଅନୁପମ ।
ସକଳ ଅଭାବ ଦୈନ୍ୟର ସହ ସଂଗ୍ରାମ କରି କରି
ଧରଣୀ ପାଗରେ ଗୁଲିଛି ·ମୋହର କବି ଜୀବନର ତନ୍ତ୍ରୀ ।
ଯାହା ଯେତେବେଳେ ପାଇଚ ଦେଇଚ ଦରିଦ୍ର ମୁହିଁ କବି
ତାହାରି ଭିତରେ ଯାଉଥିବ ମୋରେ ବେଳେ ବେଳେ ଅନୁଭବି ।
ମୋର ସମାଧିର ମନ୍ଦିରଟିଏ ଗଢ଼ିବ ହେ ସେଇ ଥାନେ
ଗିରି ନଦୀ ଯହିଁ ବହିଯାଏ ନିତି ମନ୍ଦ୍ର ମଧୁର ତାନେ ।

Digitized by srujanika@gmail.com

ସାଧକର ସ୍ୱପ୍ନ

ହେ ମୋର ପୃଥିବୀ ! ନ ବୁଝ ନ ବୁଝ ମୋର ସାଧନାର ମୂଲ୍ୟ !
ସକଳର ତଳେ ରହିଥାଏ ମୁହିଁ ନ ହୁଏ କାହାର ତୁଲ୍ୟ;

ମତେ ମନେକର ତୁଚ୍ଛ ଓ ହେୟ
ନ ଦିଅ ନ ଦିଅ ତୁମର ଯା ଦେୟ,

ବୁକୁପରେ ମୋର ଭୂଷିଦିଅ ଶତ ଅବମାନନାର ଶଲ୍ୟ,
ହେ ମୋର ପୃଥିବୀ ! ନବୁଝ ନବୁଝ ମୋର ସାଧନାର ମୂଲ୍ୟ;

ତୁମରି ପାଇଁ ମୁଁ ଅଶ୍ରୁ ଝରାଏ ଫଟାଇ ମୋହର ବକ୍ଷ
ତୁମରି ସେବାରେ ପୂରିଉଠୁ ମୋର ଜୀବନର ମହାଲକ୍ଷ୍ୟ;

ତୁମ ମଙ୍ଗଳ କରେ ଅନ୍ତର
ଯେତେ ପାରେ ଲୁହିଁ ମୋର ବଳକଳ,

ତୁମରି ପାଇଁ ମୁଁ ଉଡ଼ିଉଠେ ନଭେ ବିସ୍ତାରି ଶ୍ରେଷ୍ଠ ପକ୍ଷ,
ତୁମରି ପାଇଁ ମୁଁ ଅଶ୍ରୁ ଝରାଏ ଫଟାଏ ମୋହର ବକ୍ଷ ।

ଅନ୍ତର ଭରି ହେ ମୋର ପୃଥିବୀ ! ତୁମରେ ଦିଏ ମୁଁ ଶ୍ରଦ୍ଧା
ତୁମ ଅନ୍ତରେ ଅନ୍ତର ଭରି ନିଶିଦିନ ଥାଏ ବନ୍ଧା,

ଘନ ଅନ୍ଧାରେ ହୁଏ ଆଶ୍ରୟ,
ତିଆଗି ସକଳ ସ୍ୱାର୍ଥ ଓ ଭୟ,

ତୁମ ଆନନ୍ଦେ କଳ ଗୀତ ଗାଇ ବନ୍ଦେ ମୁଁ ଅଳକାନନ୍ଦା,
ଅନ୍ତର ଭରି ହେ ମୋର ପୃଥିବୀ ! ତୁମରେ ଦିଏ ମୁଁ ଶ୍ରଦ୍ଧା ।

Digitized by srujanika@gmail.com

ଧନ୍ୟ ଧନ୍ୟ ପୌରୁଷ ମୋରେ ଧନ୍ୟ ଧନ୍ୟ ଗର୍ବ,
ସାଧନାର ମୁଁ ଯେ ନିତ୍ୟ ପୂଜାରୀ ସାଧନା ହିଁ ମୋର ସର୍ବ

ସାଧନାରୁ ମୋର ଅମୃତ ଝରେ
ପିଏ ଆନନ୍ଦେ ମୋ କୁଟୀର-ଘରେ,

ସାଧନାର କୋଳେ ଯେବେ ମୁହିଁ ଦୋଳେ ସେ ମୋର ମଧୁର ପର୍ବ
ଧନ୍ୟ ଧନ୍ୟ ପୌରୁଷ ମୋରେ ଧନ୍ୟ ଧନ୍ୟ ଗର୍ବ ।

Digitized by srujanika@gmail.com

ମୁଁ ଗୋ ଶୁଣୁଥିବ ଜଳ-କଳ-ରବ !

ମୁଁ ଗୋ ଶୁଣୁଥିବ ଜଳ-କଳ-ରବ !
ମୋର ଜୀବନର ସେ' ଯେ ବଇଭବ ।
ମୁଁ ଗୋ ସବୁଜ ବଳର ହିଡ଼ ତଳେ,
କାନ ପାତି ବସିଥିବ କୁତୁହଳେ !

ଶିରେ ଶୁଭ୍ର ବାଦଲ ଭାସିଯାଉ,
ଗିରି, ଚୂଳେ ଚୂଳେ କାହିଁ ଚରୁଥାଉ,
ନଈ ବହି ଯାଉ ଥାଉ ଦୂରୁ ଦୂରେ,
କରି ଗୁରୁଗରଜନ କୂଳେ କୂଳେ;

କାହିଁ କୃଷକ କଣ୍ଠୋତ୍ଥ ଗୀତ ତାନ—
କରୁ ଆକୁଳ ଧରଣୀ ମନ ପ୍ରାଣ ।
ଫେରୁ ଗୋରୁଗୋଠ ଦୂର ବଣ ତଳୁ,
ଟିପା ଶବଦେ କାନନ ପାଦ ଭରୁ;

କାହିଁ ବଂଶୀ ବଜାଇ ଗାଈଆଳ,
ଛଟା ଠେକ ହେଉଥାଉ ନଈ ପାର,
ଦୂର ପାହାଡ଼ର ଯାଏଁ ଧାନ କ୍ଷେତ
ଥାଉ, ଉଡ଼ାଇ ସୋହାଗେ ମାଳ ନେତ;

ମୁଁ ଗୋ ଶୁଣୁଥିବ ଜଳ-କଳ-ରବ !
ମୋର ଜୀବନର ସେ' ଯେ ବଇଭବ ।
ମୁଁ ଗୋ ସବୁଜ ବଳର ହିଡ଼ ତଳେ,
କାନ, ପାତି ବସିଥିବ କୁତୁହଳେ ।

Digitized by srujanika@gmail.com

ଦୂରେ ଠିଆ ହୋଇଥାଉ ତାଳବଣ,
କିବା, କେଉଁ ରାଇଜର ସେନାଗଣ !
ନଈ ଆରପାରେ ସେଇ ବାଟ ତଳେ,
ଠିଆ ହୁଅନ୍ତୁ ବାଟୋଇ ଖରାବେଳେ,

କେଉଁ ପଲ୍ଲୀ କିଶୋରୀ ସୁକୁମାରୀ,
ଯାଉ, ଶାଶୁଘର-ପଥେ ଚାଲି ଚାଲି,
ଭାଇ ଆଗରେ ତାହାର ଚାଲିଥାଉ,
ଭାଳି, କେତେ କୋଶ ବାଟ ଅଛି ଆଉ !

ବିଲେ, କୃଷକ ବାପୁଡ଼ା ଦେଉ ମଇ,
ଗୀତ ଗାଉଥାଉ କେବେ ରହି ରହି,
ଧାନ ରୋଉଥାନ୍ତୁ ବିଲେ ଶଅରୁଣୀ,
ସୁଖ ଦୁଃଖ ନିଜର ଗୁଣି ଗୁଣି !

ପିଲେ ଯାଉଥାନ୍ତୁ ଗୋ ପାଠ ପଢ଼ି,
କେତେ ଅଣ୍ଟିରେ ମୁଢ଼ି ବୁଡ଼ା ଭରି ।
କେଉଁ ଗରିବ ଘରର ପିଲାଟିଏ
ଭୂଜା, ନାଇଁ ନିରାଶେ ବ ଚାଲିଥାଏ !

ମୁଁ ଗୋ ଶୁଣୁଥିବି ଜଳ-କଳ-ରବ !
ମୋର ଜୀବନର ସେ' ଯେ ବଇଭବ !
ମୁଁ ଗୋ ସବୁଜ ବିଲର ହିଡ଼ ତଳେ
କାନ ପାତି ବସିଥିବି କୁତୁହଳେ;

ମୋର ଅସୀମ ଅଭାବ ରହିଛି ଗୋ !
ମୋର ନୟନୁ ଲୋତକ ବହିଛି ଗୋ !
ମୋର କେହି ତ ନାହିଁ ଗୋ ଜଣେ ସାହା !
ମୋର ଦୁଃଖେ କରନ୍ତି କେହି ଆହା !

Digitized by srujanika@gmail.com

ମୁଁ ଗୋ   ଅସୀମ ଅର୍ଣ୍ଣବ ସମୁଦ୍ରରେ,
ନିତି   ମଜ୍ଜନେ ନୀରବେ ବୁଡ଼ି ମରେ;
ମୁଁ ତ,   ମଣିଷ ବୋଲି ଗୋ ନୁହେ ଗଣା !
ମୋର   କାହିଁ ବା ବିଭବ ଅକଳନା ?

ମୋରେ   ନ ଲୋଡ଼ୁ କଏସେ ବଡ଼ କରି,
ମୁଁ ଗୋ   ଦରିଦ୍ର ହୋଇଥାଏ ପଡ଼ି
ମୋର   ନୟନୁ ଅଶ୍ରୁ ଯାଉ ବହି,
କଏ   ପୋଛି ନ ଦେଉ ଗୋ ଦୟା ବହି;

ମୁଁ ଗୋ   ଶୁଣୁଥିବି ଜଳ-କଳ-ରବ !
ମୋର   ଜୀବନର ସେ' ଯେ ବଇଭବ !
ମୁଁ ଗୋ   ସବୁଜ ବିଲର ହିଡ଼ ତଳେ,
କାନ   ପାତି ବସିଥିବି କୁତୁହଳେ ।

ମୋର   ସବୁ ହୋଇଯାଉ ନିଃଶେଷ,
ମୋରେ   ନ ମିଳୁ ଗୋ ହେଲେ ଭିକ ଲେଶ,
ମୁଁ ଗୋ   ଅସହାୟ ହୋଇଯାଏ ଅନ୍ତି,
ମୋର   ଯେତେକ ଯାହା ଅଛି ହେଉ କ୍ଷତି,

ମୋର,   କୁଆଡ଼କୁ ନାହିଁ ଲକ୍ଷ୍ୟ ଗୋ,
ମୋର   ଏ ଯେ ରୂପପାପୁଡ଼ି ବକ୍ଷ ଗୋ,
ଏଇ   ସୀମାହୀନ ମହାବିଶ୍ୱରେ
ଗୀତ   ଶୁଣୁଥାଉ ମହାହର୍ଷରେ !!

ଏଇ   ଶାରଦ ଶ୍ୟାମଳ କଅାଶରେ ।
ପାଣି   ଲମ୍ଫ ଦେଉ ଗୋ ଧୀରେ ଧୀରେ,
ଖାଲି   କୁଳୁ କୁଳୁ କୁଳୁ ମଧୁତାନ
ଫୁଟି   ଆସୁଥାଉ ନୋହି ଅବସାନ ।

Digitized by srujanika@gmail.com

ମୁଁ ଗୋ   କାନପାଣ୍ଡି ଖାଲି ଶୁଣେ ରହି
କେଉଁ   ଅଜଣାରୁ ସେତୁ ଆସେ ବହି !!
ମୋର   ଶତ ସମ୍ପଦ ତହିଁ ଠୁଳ
ମୋର   ମଣିଷ ଜୀବନ ଭରପୂର !

ମୁଁ ଗୋ,   ଶୁଣୁଥିବି-ଜଳ-କଳ-ରବ,
ମୋର   ଜୀବନର ସେ' ଯେ ବଇଭବ,
ମୁଁ ଗୋ   ସବୁଜ ବିଲର ହିଡ଼ ତଳେ
କାନ   ପାଣ୍ଡି ବସିଥିବି କୁତୁହଳେ !!

Digitized by srujanika@gmail.com

ମାଟି ସରଗ

ଏଠି ମୁଁ ରଚିଛି କୁଟୀର ମୋର
ସେନେହ ଶରଧା ସୋହାଗ ବହି
ଯେତେ ଯହିଁ ଦେଖେ ପାହାଡ଼, ନଈ,
ଗାଆଁ ବିଲ, ବଣ, ଘଡ଼ିଆ ପଥ,
ସରିତ-ସାଗର ଊର୍ମି ଶତ,
ଉପରେ ଆକାଶ ଧରଣୀ ତଳେ
କାହାରେ କେତେ ମୁଁ ସେନେହ କରେ !

ଏଠି ମୁଁ ପ୍ରକଟ କରଇ ଲୀଳା,
ହସି ଖେଳ ଦିନ ନିଏ ମୁଁ ବାହି,
କେତେ ସଖା ସାଥି ସୋଦର ନାଇଁ !
ଉଷାର ଅଙ୍କେ ତପନ ଫୁଟେ,
ବହି ବହି ଧୀର ସମୀର ଛୁଟେ,
ରଜତ ଚନ୍ଦ୍ର ଆସଇ ଉଇଁ
ବୁକୁତଳ ଯାଏ ଗାଧିରେ ଛୁଇଁ !

ଏଠି ମୋ ବକ୍ଷ ଉଠଇ ନାଚି!
ମେଘ ଯେବେ ଚରେ ପାହାଡ଼ ଖୋଲେ,
ଫୁଲ ଯେବେ ଧୀର ସମୀରେ ଦୋଳେ,
ଇନ୍ଦ୍ରଧନୁର ବରଣ ବିଭା
ସପନପୁଷ୍ପ ସେ ରଚଇ କିବା ?
ଝର ଝର ଯେବେ ଝରଣା ଝରେ
ଶିଳା ବନ୍ଧୁର ତଳପ ପରେ,

Digitized by srujanika@gmail.com

ଏଠି ମୋ ଜୀବନ ଫୁଟାଏ ଛଇ,
ପ୍ରିୟଜନ ହସି କହିଲେ କଥା
ଛୁଟଇ ବୁକୁର ଗଭୀର ବ୍ୟଥା
ଅଭିମାନେ ଯେବେ ନୀରବ ରହେ,
କାହା ଓଠ ହସି ବାରତା କହେ ।
କାହା ଚମ୍ପକ ଅଙ୍ଗୁଳିର—
ପରଶେ, ମରମୁ ଫୁଟଇ ଗୀର !

ଏଠି ଅଭିଳାଷ ଲକ୍ଷ୍ୟ ମମ
କି ବିଶାଳ କିବା ମହତ ନୁହେଁ !
ଧାଏଁ କି ସୌମ୍ୟ ସାଧନା ସୁଏ !
ମୋ କାନେ କିଏ କି ମନ୍ତ୍ର ଦିଏ,
ଦୂରେ ଦୂରେ କିଏ ନୀରବେ ନିଏ
ସକଳ ଝଞ୍ଜା ଚରଣେ ଦଳି,
ମୋ ବାଟ ମୁଁ କାଟେ ସିଂହ ପରି !

ଏଠି ମୁଁ କାନ୍ଦେ ଏଠି ମୁଁ ହସେ,
କେତେ ଲୁହ ଏଥି ପଡ଼ିନ ଝର !
ଦେଖିଛି ଏ ବଣ ପାହାଡ଼ ଦରି
କେତେ କାହା ପାଇଁ ପରାଣ ମମ
ଆକୁଳେ କରିଛି ଅନ୍ୱେଷଣ !
କେତେ କାହା ମୁହଁ ଯାଏନି ଭୁଲି !
ଭଲ ହୁଏ ସବୁ ଦିବସ ନିଶି;

ଏଠି ଏ ମାଟିରେ ପଡ଼ିବ ତଳି
ଆସିବ ଯେ' ଦିନ ଡାକରା କାହୁଁ,
ଲେଉଡ଼ିଲେ କି ରହି ପାରିବ ଆଉ ?
କି ବିଶାଳ ମୋର ସରଗଟିଏ
ଗୁଡ଼ିପିବ ବାରେ ଭାଳିଛି କହେ ?

Digitized by srujanika@gmail.com

ଏତେ ଆପଣାର ସରଗ ଏଇ
କେସନେ ଯିବ ମୁଁ କାହାରେ ଦେଇ ?

ଏଠି ମାଟିରେ ମୋହର ବେଣ୍ଟ –
ବାଜିବନି ଆଉ ନିମେଷ ପାଇଁ !
ଯାଇଥିବ କେଉଁ ସୁଦୂରେ କାହିଁ ?
ଏତେ ମରମର ସେନେହ ମାୟା
ଏତେ ସୁଷମାର ଧରଣୀ ଆହା ।
ରହିବ ସକଳ ରହିବ ଦୂରେ
ଫେରିବନି ଆଉ ତିଳେ ଏ ପୁରେ ।

ଏଠି ଏ ମାଟିରେ ଜୀବନ ଧରି,
ଯେତେ ଦିନ ଥିବ ଥାଏ ମୁଁ ରହି ।
ସକଳର ପ୍ରତି ସେନେହ ବହି;
ସବୁରି ମରମେ ମରମେ ତାଳି,
ଗୋଳି ହୋଇଯାଏ ଭେଦ ନ ବାରି ।
ଯେ ଦିନ ବୁଜିବ ନୟନ ଦୁଇ
ମନେ ପଡ଼ୁଥିବ ଧରଣୀ ଭୂଇଁ !

ଛାଡ଼ି ଯିବା ପାଇଁ ହୁଏ କି ମନ ?
ପ୍ରତି ରେଣୁକଣା ଏଇ ମାଟିର
କେଡ଼େ ଭଲ କେଡ଼େ ଦିଶେ ରୁଚିର !
ଆଜି ଏଥି କେତେ ମମତା ଥାଏ
କାଲି ଯିବ କେଉଁ ଅଜଣା ଗାଁଏ !
କାଲି ନିଭିଯିବ ନୀରବେ କାହିଁ
ମୋ ପାଇଁ କିଏ କି ଭାଳିବ ନାହିଁ ?

ଏଇ ଯେ ପାହାଡ଼ ରହିଛି ଉଭା !
ତାହାରେ ଲୁହିଁ ମୁଁ କବିତା ଗାଏ,

Digitized by srujanika@gmail.com

ଚଇତ ଫଗୁଣ ମଳୟ ବାଏ;
ଏଇ ଯେ ସରସୀ ସଲିଳ ଘାଟ,
ପଲ୍ଲୀ କିଶୋରୀ ପିନ୍ଧି ପାଟ,
ଲଘୁପଦ ନୂଳ 'କୁଟୀରେ ଫେରେ;
ତା' ଓଠ ହାସ ମୋ ବୁକୁରେ ଖେଳେ !

ଏଇ ଯେ କ୍ଷୁଦ୍ର ପଲ୍ଲୀ ଗାଆଁ
ଆମ୍ଭ ବେତସ କୁଞ୍ଜ କୋଳେ
ସୁଖେ ଦୁଃଖେ ତା' ନୀରବେ ଡୋଳେ;
ଜନମ କାଳରୁ ତା' ଭୁଲେ ମୋର
ପରିଚୟ କିବା ନିବିଡ଼ତର !
ତା' ପାଣି ପବନେ ଏ ଦେହ ଗଢ଼ା ?
କିଭଳି ତାହାକୁ ଭୁଲିବି ଭଲା ?

ଏଇ ଆମ ଘର ପାଖକୁ ଲଗି,
ଗରିବ ମୂଲିଆ କୁଟୀରମାଳା
ଯହିଁ ଫୁଟେ ଲୁହ-ବେଦନା ଧାରା;
କିଏ ସେ ଖାଇଛି କିଏ ସେ ନାହିଁ
ସାଉ ଦେଣା ଶୁଝି ଜୀବନ ଯାଇ ।
ଅଭାବ ଭିତରେ ଜୀବନ ଚଳେ,
କା, ବ୍ୟଥା କେ ବୁଝେ ଧରଣୀ ତଳେ !

ତେଲ ଟୋପେ ନାହିଁ ନୁଖୁରା ବାଳ
ଚିରାଲୁଗା ଟିରେ ବରଷେ ଯାଏ,
ଦେହ ଦିଶେ ପ୍ରେତ ପ୍ରତିମା ପ୍ରାୟେ ।
ମୁଠି ଶାଗ ଜାଉ, ଲୁଣ ଚୁଆଏ—
ଖାଇ କେ ଜୀବନ ଗୋଟି ବିତାଏ;
ଘରୁ ପାଣି ଗଳେ ରହିବା ପାଇଁ
ଓଦା ଗୁରିଆଡ଼ ଥାନ ବି ନାହିଁ;

Digitized by srujanika@gmail.com

ସବୁର ଦୁଃଖ, ବେଦନା, ହାସ,
ଶୋଣିତେ ଶୋଣିତେ ରହିବ ଲେଖା
ଖୋଜି ଗଲେ କାଲି ଦବନି ଦେଖା;
କିଏ ସେ କି ଭଳି କାଟିବ କାଳ !
ବହୁଥିବ କା'ର ନୟନୁ ଧାର !
କା' ଲୁହ ବେଦନା ବୁଝିବ ନାଇଁ
ଯାଉଥିବ କେଉଁ ସୁଦୂରେ କାହିଁ !

କାହାର ବିଜୟ ଗରବ ଗାଥା
ହସି ହସି କିଏ କହିବ କାରେ
ଶୁଣି ପାରିବନି ଜୀବନେ ବାରେ;
ମିଶିଯିବ କେଉଁ ଅସୀମେ କାହିଁ ?
ଝୁରି ହେବ ମାଟି ଟିକିକ ପାଇଁ;
ନ ଆସେ ଏଥି ମୁଁ ଲେଉଟି ଆଉ
ମୋ ମାଟି-ସରଗ ସୋହାଗେ ଥାଉ !

●

Digitized by srujanika@gmail.com

ମୁଁ

ମୋର ଜୀବନ ନୁହଇ ଆଜର ଗୋ ପାଣି ଫୋଟକା,
ମୁଁ ତ ଅସୀମ କାଳର କପାଳେ ଯିବନ ନଭ ଗୋ !
ମୁଁ ଗୋ ଏତେ କାହିଁ ପାଇଁ ହେବ ଅତରଛ ତାଟକା ?
ମୁଁ ଗୋ ମୋହର କାମଟି ହସି ହସି କରୁଥିବ ଗୋ !

ମୁଁ ଗୋ ଚିରସନାତନ ଶାଶ୍ୱତ ଅବିନାଶୀ ଗୋ,
ମୋର ଜୀବନ ଗୋ ଖାଲି ଜୀବନ ଜୀବନ ଜୀବନ;
ମୁଁ ତ ମହାବିଶ୍ୱର ଆଲୋକେ ଉଠିବ ହସି ହସି ଗୋ,
ମୁଁ ଗୋ ମହାବିଶ୍ୱରେ ମୁକ୍ତ ମଧୁର ପାବନ !

ମୋର ତଣ୍ଟିରେ ଖାଲି ଅମୃତ ଝର ଝରଇ,
ମୁଁ ଗୋ କ୍ଷୁଦ୍ର ନୁହଇ ବିରାଟ, ଉଦାର ମହାନ,
କୋଟି ଅମୃତ ଆଶା ବୁକୁତଳେ ମୋର ଭରଇ
ମୁଁ ଗୋ ଆନନ୍ଦ ଜଳେ କରୁଥିବ ନିତି ସ୍ନାହାନ !

ମୋର ଦୁଃଖ ବେଦନା ପୁଲକ ଗୋ ସବୁ ସମାନ,
ମୁଁ ଗୋ ସବୁରେ ଦେଖିବ ଜୀବନ ମୋହନ ବିଳାସ,
ମୁଁ ଗୋ ମୋହର ଭିତରେ ଦେଖିବ ବିଶ୍ୱ-ବିତାନ
ମୋର ନାହିଁ ନାହିଁ ନାହିଁ ଦାରୁଣ ଦୁଃଖ ପରାସ ।

ମୁଁ ଗୋ ସତ୍ୟ, ଚିରସୁନ୍ଦର ଶିବ ଶୁଦ୍ଧ,
ମୁଁ ଗୋ ସକଳର ଲଗି ଜାଗିଚି ଏ ମହାଭୁବନେ,
ମୁଁ ଗୋ ସବୁରି ଭିତରେ ହୋଇଉଠେ ଉଦ୍‌ବୁଦ୍ଧ,
ମୁଁ ଗୋ କଲ୍ଲୋଳି ଉଠେ ବିଶ୍ୱ ଆକାଶ ପବନେ !!

Digitized by srujanika@gmail.com

ମୁକ୍ତି ଯାତ୍ରୀ

ଜାତିପାଇଁ ଦେଶପାଇଁ ଜୀବନ ପାରିବି ଦେଇ,
ନାହିଁ ମୋ ବନ୍ଧନ ମନା ପାରିବେନି କରି କେହି ।
ଯେ' ମାଟିର ରସଧାରା ବହେ ମୋର ବୁକୁତଳେ,
ଯେ' ମାଟିର ସମୀରଣ ବଞ୍ଚାଇ ରଖିଛି ମୋରେ,
ସେ ମାଟିର ବିଲ ବଣ ଶଇଳ-ସାଗର-ସ୍ରୋତ,
ଗଛ ପତ୍ର ଫୁଲ ଫଳ ଶ୍ୟାମଳ ପ୍ରାନ୍ତର ପଥ,
ଧମନୀ ଶୋଣିତେ ଆଣେ ଜୀବନର ଜାଗରଣ
କେମନ୍ତେ ତା' ପାଇଁ ନାହିଁ କରିବି ଜୀବନ ପଣ ?

ଯେ' ମାଟିର ବୁକୁପରେ ଠିଆହୋଇ ଖେଳେ ବୁଲେ,
ଯେ ମାଟି ବାନ୍ଧିଛି ମୋରେ ଶତ ସଖା ବନ୍ଧୁ ତୁଲେ,
ଯେ ମାଟିର ବଳବୀର୍ଯ୍ୟେ ଗଠିତ ମୋ ପ୍ରତି ଅଙ୍ଗ,
ଯେ ମାଟିର ସୁଖେ ଦୁଃଖେ ଫିଟେ ମୋ ଜୀବନ ରଙ୍ଗ,
ଯେ ମାଟିର ସାଥେ ମୋର ଜନ୍ମ ଜନ୍ମ ପରିଚୟ,
ହୁଏ ଯହିଁ ସୁଖ ଦୁଃଖ ଜନ୍ମ-ମୃତ୍ୟୁ ଅଭିନୟ,
କେମନ୍ତେ ତା' ଲାଗି କହ ଦେବି ନାହିଁ ଆତ୍ମବଳି ?
କେମନ୍ତେ ତାଣ୍ଡବି ନାହିଁ ତାହାର ଶୋଣିତ ଧରି !!

ସତ୍ୟ ଲାଗି ନ୍ୟାୟ ଲାଗି କୃପାଣ ଧରିବି କରେ,
ତା' ଆଖିର ଉଷ୍ଣ ଅଶ୍ରୁ ସହି ପାରିବିନି ଥରେ ।
ବଜାଇ ବିଜୟ ତୂରୀ, ଚାଲିବି ମୁଁ ପଥେ ପଥେ
ଚାଲିବି ସାଗର ବକ୍ଷେ ଚାଲିବି ଅନଳ ସ୍ରୋତେ,

Digitized by srujanika@gmail.com

ମେରୁର ତୁଷାର ଶୈଳେ ତା' ଲଗି ଚଳିବ ପଥ
ସାହାରା ପ୍ରାନ୍ତରେ ଶିର ନୋହିବ ଲବେ ଅବନତ;
ଆଣିବ ବିଜୟ-ଲକ୍ଷ୍ମୀ, ତା' ପାଇଁ ସୋହାଗେ ବରି
ସତ୍ୟ ଲଗି ନ୍ୟାୟ ଲଗି କୃପାଣ ଉଠିବ ଧରି,

ଦିଅ ଗୋ ଜନନୀ ଦିଅ ବିଦାୟ ମୁଁ ଯାଏ ଚଳି,
ଗୋ.ଟିଏ କୋଟିଏ ପାଇଁ ସଂଗ୍ରାମେ ପଡ଼ିବ ଢଳି ।
ବିଜୟ-ସିନ୍ଦୂର ଟିକା ବୋଳି ଦିଅ ଶିରେ ମମ !
କରି ମୋରେ ଆଶୀର୍ବାଦ, ମୋରେ ଯେ ଦେଇଚ ସ୍ତନ୍ୟ —
କେଶରୀ ବିକ୍ରମ ତାର, ଦେଖାଏ ମୁଁ ଧରଣୀରେ
ମୁଁ ଥାଉଁ ଦେଶ ମାଟି ପଡ଼ିଥିବ କଳବଳେ—
ଏ ରକ୍ତାକ୍ତ ଦେହ ଧରି, ହୋଇ ସାତ ହୀନମାନ !
ମୁଁ ତାହାର ସନ୍ତାନ, ନା, ହତ୍ୟାକାରୀ ସପୁତାନ ?

ବଜାଇ ସଂଗ୍ରାମ ବାଜା, ଉଡ଼ାଇ ଶିଗଳ ମାଳା
ଚଳନ୍ତି ସୈନ୍ୟ ଧାଡ଼ି କାନ୍ଧରେ ବନ୍ଧୁକ ଗୋଳା,
ପଡ଼େ କେତେ ହୁଳହୁଳି, ପଡ଼େ କେତେ ବୀର-ଡାକ
ଜାତିର ହୃତ୍‌ପିଣ୍ଡ ପରି ଚଳନ୍ତି ଜବାନଯାକ;
ସଂଗ୍ରାମେ ଫେରେ ବା ମରେ ଲେଉଡ଼ା ନାହିଁ ଜାଣିବାର
ବଞ୍ଚାଏ ଦେଶରେ ମୋର ଗୁଳି ଖଣ୍ଡା ତଲୁଆର
ଯାଉଛି ଯାଉଛି ମାଆ ! ଏ ତୋର ଆଶିଷ ମାଗି
ଶିରରେ ଶୋଣିତ ମୋର ଫୁଟୁଛି ମୋ ଦେଶ ଲଗି—

Digitized by srujanika@gmail.com

ଗୋଲିଦାସ

—ଏକ—

ଗୋଲିଦାସ ! ଗୋଲିଦାସ !
ଦେଖିନି ତୁମରେ, ଜାଣିନି ତୁମରେ
ଶୁଣିଛି ତୁମର ସ୍ୱାର୍ଥ ବଢ଼ବଢ଼ା ଜୀବନର ଇତିହାସ !
କେଉଁ ପଲ୍ଲୀର ଶ୍ମଶାନ ବୁକେ ମିଳାଇ ଯାଇଛ ତମେ !
କେଉଁଠି ଜନମି କେଉଁଠି ଯାଇଛ ହଜି
ତୁମକୁ କଏସେ ମନେ ପକାଉନି ଜଣେ !
କୁଟୀର ତୁମର ଭାଙ୍ଗି ପଡ଼ିଛି—ରହିଅଛି ମାଟିଗଦା
ବାଲୁଆ ଭୂଲୁଚି ସଞ୍ଜ ଆସିଲେ ଗୁରୁଆଡ଼ ଖାଲି ପଦା
ଏ ମାଟି ଉପରେ ତୁମେ ଫୁଟିଥିଲ ସେ କେଉଁ ଅଜାତ ଘଳେ
ଏଇଠି ବା କେବେ ଝଡ଼ପଡ଼ିଥିଲ ପୃଥିବୀ ଜାଣେନା ବାରେ;
ରହିଛି ତୁମର ଭଙ୍ଗା କାନ୍ଥ, ରହିଛି ପାହାଚ ଶିଳା
ଦେଖିଥିବେ କଏ ତୁମ ଜେଉରବ ତୁମ ତେଜସ୍ୱୀ ଲୀଳା !
ରହିଛି ଏ ନଈ ପୋଖରୀ ଗାଡ଼ିଆ ରହିଛି ଏ ବାଟ ଘାଟ
ଦେଖିଥିବେ କଏ ନସ୍ୱ କୁଟୀରେ ଜନମି କି ଭଳି ହୋଇଥିଲ ସୁବରାଟ !

ଗୋଲିଦାସ ! ଗୋଲିଦାସ !
ଦେଖିନି ତୁମରେ, ଜାଣିନି ତୁମରେ
ଶୁଣିଛି ତୁମର ସ୍ୱାର୍ଥ ବାଢ଼ବଢ଼ା ଜୀବନର ଇତିହାସ !

—ଦୁଇ—

ଗୋଲିଦାସ ! ଗୋଲିଦାସ !
ଦେଖିନି ତୁମରେ, ଜାଣିନି ତୁମରେ
ଶୁଣିଛି ତୁମର ସ୍ୱାର୍ଥ ବଢ଼ବଢ଼ା ଜୀବନର ଇତିହାସ

Digitized by srujanika@gmail.com

କେଉଁ ଉଦ୍ଦାମ ତରୁଣ ଜୀବନେ କି ମହା ସାହସ ଧରି,
କଂସାଖାଇ ନଈ ଅକାତ ପାଣିରେ ତୁମେ ଥିଲ ଡେଇଁ ପଡ଼ି !
ଶୁଣିଲ ଯେବେ ହେ ସକରୁଣ ଡାକ 'କିଏ ଅଛ ହୁଅ ସାହା !
"ଭୟ ନାହିଁ ! ଭୟ ନାହିଁ ! ମୁହିଁ ଅଛି କହିଲ ତୁମେ ସ୍ପର୍ଦ୍ଧାରେ ପିଟି
ବାହା !"

ଭାସି ଯାଉଥିଲେ ସେ କେଉଁ ଗାଆଁର ଚାରିଗୋଟି ମୂଳିଆ ଲୋକ
କିଏ ହେଉଥିଲା ଉବେଇ ଟୁବେଇ, କିଏ ପିଇଥିଲା ପାଣି ତିନି ଚାରି ଢୋକ;
ଭଉଁରି ଗାତରେ କିଏ ପଡ଼ିଯାଇ ଜୀବନର ଆଶା ଛାଡ଼ି,
ଉପରକୁ ହାତ ଟେକି ରହିଥିଲା,
ଦୁଇକୂଳେ ଚାହିଁ ରହିଥିଲେ ନରନାରୀ;
ଅସୀମ ଜନତା ଭିତରୁ ତୁମେ ହେ ଏକଇ ମାତ୍ର ଜଣେ,
ଗୋଟି ଗୋଟି କରି ଉଦ୍ଧାର କଲ
ନିଜ ଜୀବନରେ ମମତା ନରଖି କ୍ଷଣେ,
ସଂଗ୍ରାମ ରତ ବନ୍ୟା ସୁଅର ଢୋଡ଼େ ଚାଲିଲ ଚାଲିଲ ଦୂରେ
ଅବଶେଷ ସେଇ ତିନି ଚାରି ଜୀବନରେ ଫିଙ୍ଗି ପାରିଲ କୂଳେ !
ତୁମ ଦୁର୍ଦ୍ଧର୍ଷ ଜୀବନରେ ମୁହିଁ କରି ଉଠେ ପ୍ରଣିପାତ !
ଶକ୍ତି ତୁମରି, ସାହସ ତୁମରି, ଧୈର୍ଯ୍ୟ ତୁମରି,
ଜୀବନ ତୁମରି କି ମହାନ କି ବିରାଟ !

ଗୋଲଦାସ ! ଗୋଲଦାସ !
ଦେଖିନି ତୁମରେ, ଜାଣିନି ତୁମରେ
ଶୁଣିଚି ତୁମରି କାର୍ଯ୍ୟ ବିଭବ ଭରା ଜୀବନର ଇତିହାସ !

— ତିନି —

ଗୋଲଦାସ ! ଗୋଲଦାସ !
ଦେଖିନି ତୁମରେ, ଜାଣିନି ତୁମରେ
ଶୁଣିଚି ତୁମରି କାର୍ଯ୍ୟ ବିଭବଭରା ଜୀବନର ଇତିହାସ !

Digitized by srujanika@gmail.com

ସୋଲଗଣ୍ଡ ପାହାଡ଼ ନିଘଞ୍ଚ ବଣେ କାଠ ହାଣୁଥିଲା ଶ୍ୟାମ
ଅକ୍ଷର ସିଏ ବଣ୍ଡ କାଠ ହାଣି ବଞ୍ଚାଏ ତାର କୁଟୁମ୍ବ ଗୃହ ପ୍ରାଣ !
ଠକ୍ ଠକ୍ ଠକ୍ ହାଣୁଅଛି କାଠ ଏକ ଲକ୍ଷ୍ୟେ ଏକ ମନେ
ଝାଳ ଗମ ଗମ ବୋହି ପଡ଼ୁଅଛି,
ପୋଛୁ ସେ ଦେଉଛି ହାତ ପଛେ କ୍ଷଣେ କ୍ଷଣେ;
ବେଳ ତ ହେଲାଣି ଦ'ପହର ଦଣ୍ଡଘଡ଼ି,
ଆଉ ଘଡ଼ିକରେ ଫେରିବ କୁଟୀରେ ତା'ର,
ହାଇରେ ! ହାଇରେ ! ମହାବଳ ବାଘ ଆସି
ଶ୍ୟାମ ପରିଡ଼ାର ଜଙ୍ଘକୁ ଧରି, ଝିଙ୍କୁଛି ବାର ବାଉ;
ଅରକ୍ଷ ଶ୍ୟାମ ତଳେ ଯାଇଅଛି ପଡ଼ି,
'ମଲିଗଲି' 'ମରିଗଲି' ବୋଲି ଯାହା ଶୁଭୁଛି ଗୋଟିଏ ରଡ଼ି !
ଆଉ ଶୁଭୁ ନାହିଁ ସ୍ୱର ଶବ୍ଦ ତା'; ସବୁ ଶୂନ୍ଶାନ ତାହାପରେ;
ତା ଆତୁର ରଡ଼ି ଚମକ ଆଣିଲା ତୁମରି ବକ୍ଷ ତଳେ !
ତୁମେ ତେଜସ୍ୱୀ ତୁମେ ହେ ସାହସୀ ପଲ୍ଲୀର ବୀରଯୁବା
କେଉଁ ବଣପାହାଡ଼ରେ ହାଣୁଥିଲ କାଠ ସଗର୍ବେ ହୋଇ ଉଭା !
ସେଇ ସେ ଦାଢ଼ୁଆ କଟୁରିଟି ହାତେ ଧରି,
ଶିଳାରୁ ଶିଳାକୁ ବଣରୁ ବଣକୁ ଚଞ୍ଚଳ ଡେଇଁପଡ଼ି,
ଗୁହାଆଡ଼େ ତୁମେ ବୁଲାଇ ନୟନ ଡୋଳା,
ଦେଖିଲ ଦେଖିଲ ଶ୍ୟାମ ପରିଡ଼ାରେ ଚେକ ନେଉଅଛି ବାଘ,
ଧାଇଁ ଯାଇ କବା ବିଦ୍ୟୁତ ଚଞ୍ଚଳେ, ବାଘର ବେକକୁ ଧରି ପକାଇଲ ଆଗ;
ସେଇ କଟୁରୀରେ ଗେଣ୍ଟ ଗେଣ୍ଟ କରି ହାଣିଲ କୋଡ଼ିଏ ଗେଣ୍ଟ;
କ୍ଷତ ବିକ୍ଷତ ବାଘ ଗୁଳିଗଲା
ଶ୍ୟାମ ପରିଡ଼ାଟା ଗୋଟାକ ସାତଟା ହୋଇ, ଥରୁଅଛି ଛଟ ଛଟ !!

ସଚେତ କରାଇ ତା'ପରେ
କାନ୍ଧରେ ଥୋଇ ଆଣିଲ ଗାଆଁକୁ
ଝର ଝର ଝର ଝର ପଡ଼ୁଥାଏ ବନ
ତୁମର ସେ ଦେହ ମୁଣ୍ଡରୁ ଗୁହାଆଡ଼େ !

Digitized by srujanika@gmail.com

ବଣଜଙ୍ଗଲରୁ କିଏ ହାଣୁଥିଲା କାଠ
ବଣ ଝଡ଼େ ଝଡ଼େ କିଏ ବୁଲୁଥିଲେ ପଥିକ ସେ କେତେ
ସେ ଯେ' କେଉଁ ଦୂରବାଟ,
ଖାଲି କାମ କିଏ କରୁଥିଲେ କାହିଁ ସେ ବଣ ପାହାଡ଼ ତଳେ
ସବୁରି କାନରେ ପଶିଥିବ ତାର କଣ୍ଠ ଆତୁର ରଡ଼ି
ସଭିଏ ରହିଲେ ମୂକ ଶିଳାସମ ଶୁଣି ନ ଶୁଣିଲା ପରି,
ପଲ୍ଲୀର ବୀର ଦୁର୍ମଦ ଯୁବା ଗୋକୁଳଦାସ ! ଗୋକୁଳଦାସ !
ମୂକ ଓ ମଉନ ତୁମେ ପାରିଲନି ରହି, କାନ୍ଧେ କଟୁରି ବନ୍ଧି
କାଉଳି ଧାଇଁଲ ଗୋଟିଏ ଜୀବନ ପାଇଁ, ଜୀବନ ଦେବାକୁ ଝାସ !
ତୁମରି ଗାଆଁର ତୁମରି ମାଟିର ତୁମ ଶୋଣିତର ଜଣେ,
କଲବଲ ହୋଇ ମରି ସେ ଯାଉଛି ପଡ଼ିଅଛି ଅଚେତନେ,
ତାହାରେ ତେଆଗି ଆଖି ବୁଜିଦେଇ ଦୂରେ ଦୂରେ ଲୁଚିଯିବା
ଏହା ତହୁଁ ବଳି ନିର୍ଲଜ ପ୍ରାଣ ଅଛି ଧରଣୀରେ କିବା ?
ବିପଦ ଭିତରେ ଆପଣାରେ ଝାସି ମରିଯିବା ପଛେ ଭଲ
ବିପଦ ଭିତରେ ଜଣେ ବୁଡ଼ି ରହି ହେଉଥିବା କଲବଲ-
ଏ ଟିକକ ଦେଖି ବଞ୍ଚି ରହିବା ଆହୁରି କଷ୍ଟକର !
ବିଚାରିଲ ମନେ ମନେ, "ମରେ ବା ବଞ୍ଚେ କିଛି ଯାଏ ଆସେ ନାହିଁ
ଜୀବନ ଆସିନି ମରିଯିବା ଅବା ବଞ୍ଚିବା ଲାଗି ଖାଲି,
ଆସିଛି ଧରାର କଲ୍ୟାଣ ପାଇଁ ଲାଗିବାକୁ ପ୍ରତିକ୍ଷଣେ,
ସେ ଟିକକ ଯେବେ ନ ହୋଇ ପାରିଲା
ଏ ଜୀବନେ ଅଛି କିବା ପୌରୁଷ କହ ?
ଜୀବନ ତୁମର ହେଲା ଅତି ଦୁଃସହ !
ବିଦ୍ୟୁତ ପରି ଚମକି ଉଠିଲ କଟୁରୀ ଊର୍ଦ୍ଧ୍ୱେ ଟେକି
ସଂଗ୍ରାମ କରି ବିଜନ ପାହାଡ଼ ତଖାଲେ
ଏକା ଏକା କେହି ନାହାନ୍ତି ତୁମ ତୁଲେ,
ଶ୍ୟାମ ପରିଡ଼ାରେ ଝିଙ୍କି ଆଣିଲ
ମରଣ ମୁହଁରୁ ତୁମେ ବୀର ବଳଆର !

Digitized by srujanika@gmail.com

ତୁମେ ଯା ପାଇଚ କର,
କା ବୁକୁରେ ଜଳେ ଅଗ୍ନି ଏ ଭଳି
ମରଣର ତୁଲେ ସଂଗ୍ରାମ କରି
ବଜାଇ ପାରିବ ଜୟ ଦୁନ୍ଦୁଭି
ଆକାଶ ପବନ କମ୍ପାଇ ଚାରିଆଡ଼େ !!

ଗୋଲିଦାସ ! ଗୋଲିଦାସ !
ଦେଖିନି ତୁମରେ,ଜାଣିନି ତୁମରେ
ଶୁଣିଚି ତୁମରି ବୀର୍ଯ୍ୟ ବିଭବଭରା ଜୀବନର ଇତିହାସ !

—ଗୀତ—

ଗୋଲିଦାସ ! ଗୋଲିଦାସ !
ଦେଖିନି ତୁମରେ, ଜାଣିନି ତୁମରେ
ଶୁଣିଚି ତୁମରି ବୀର୍ଯ୍ୟ ବିଭବଭରା ଜୀବନର ଇତିହାସ !

ଖୋର୍ଦ୍ଧା ତାଲୁକା ମାଜିଷ୍ଟ୍ରେଟର ଦେଖିଲ ଗୋଟିଏ ଅତି ଉଦ୍ଦଣ୍ଡ ଘୋଡ଼ା,
ବରୁଣୀ ପାହାଡ଼ ତଳେ ଚରୁଅଛି
ପାଦରେ ତାହାର ଲୁହା ଜଞ୍ଜୀର ନବଢ଼େ ହୋଇଚି ଭଡ଼ା;
ପଚାରି ବୁଝିଲ ଆଜଯାଏଁ କେହି
ଚଢ଼ି ପାରୁନାହିଁ ସେହି ସେ ଘୋଡ଼ାର ପିଠେ
ଏକଇ ଲମ୍ଫେ ଚଢ଼ି ସେ ଘୋଡ଼ାରେ
କଦମ୍ କଦମ୍ ଚାଲିଲ ଚାଲିଲ ପାହାଡ଼ର ଆରପଟେ;
ପବନ ପରିଏ ଚାଲିଅଛି ଘୋଡ଼ା ଡେଇଁ ବିଲ ପଦା ବନ
କିଏ ସେ ବସିଚି ଏଡ଼େ ବଳିଆର ଆଚମ୍ବିତ ହେ ଚଉଦିଗେ ପୁରଜନ;
ମାଜିଷ୍ଟ୍ରେଟ ସେ ବିସ୍ମିତ ହୋଇ ରହିଲେ ଘଡ଼ିଏ ଚାହିଁ
ଦୁର୍ଦ୍ଦଣ୍ଡ ଏ ଘୋଡ଼ାର ପିଠିରେ କିଏସେ ବସିଚି
ଭୟ ବା ଭ୍ରାନ୍ତି ଟିକିଏ ତାହାର ନାହିଁ !

Digitized by srujanika@gmail.com

ସହରର ତମାମ ଟପ ଟପ ଘୋଡ଼ା ଗ୍ଭଳି
ଫେରାଇ ଆଣିଲ ଟିକାଏ ଆପୂର୍ତ୍ତି ଦେଇ;
ସହରର ତମାମ ପଡ଼ିଗଲା ହୁରି 'ଗୋଲାଦାସ ! ଗୋଲାଦାସ !
ଅତି ଅମାନିଆ ଘୋଡ଼ାରେ କପରି ମନ ଇ ପାରିଚ ନେଇ;
ସାହେବ ତୁମରି ଧୈର୍ଯ୍ୟ ବିଭବ ସାହସ ଦମ୍ଭ ଦେଖି,
ଆପଣା ହାତରେ ଗଉରବ କରି କେତୋଟି ଟଙ୍କା ଦେଲେ ଉପହାର ଟେକି;
ସାହେବରେ ତୁମେ ଦରଖଣ୍ଡିଆ ହିନ୍ଦୀରେ ପରି କହିଲ ଗୋଟିଏ କଥା
"ସାହେବ, ମୋହର ଟଙ୍କା ତ ଲୋଡ଼ା ନାହିଁ
ତୁମେ ଯେ ବୁଝିଲ ଏ ଦେଶେ ଛନ୍ଦ ଧାର ବଳିଆର
ସେଇତକ ମୋର ସକଳ ସାର୍ଥକତା !"
ଗୋରା ସାହେବର ପ୍ରତି ଅବୟବେ ପ୍ରେମ ଟାଙ୍କୁରି ଉଠେ
ଅଧରେ ଗୋଟିଏ ମୋହନ ହାସ୍ୟ ସୋହାଗେ ଆସିଲା ଫୁଟି;
ଗୁରୁଗଉରବେ ତୁମରି ମଥାରେ ବୁଲାଇ ଆପଣା କର
ବିନମ୍ର ଭାଷେ କହିଲେ ତୁମରେ "ଗୋଲାଦାସ ! ଗୋଲାଦାସ !
ସେଇ ଧାର, ଯିଏ ଧନ ସମ୍ପଦ ଉପରେ ନରଖି ମାୟା
ଦେଶର ଜାତିର ଗଉରବ ପାଇଁ ଗ୍ଭଲିଥାଏ ରଖି ଅମୃତ ଅଭିଳାଷ !"

ଗୋଲାଦାସ ! ଗୋଲାଦାସ !
ଦେଖିନି ତୁମରେ ଜାଣିନି ତୁମରେ
ଶୁଣିଚି ତୁମରି ଧୈର୍ଯ୍ୟ ବିଭବଭରା ଜୀବନର ଇତିହାସ !

—ଚାଞ୍ଚ—

ଗୋଲାଦାସ ! ଗୋଲାଦାସ !
ଦେଖିନି ତୁମରେ, ଜାଣିନି ତୁମରେ
ଶୁଣିଚି ତୁମରି ଧୈର୍ଯ୍ୟବିଭବ ଭରା ଜୀବନର ଇତିହାସ !

Digitized by srujanika@gmail.com

କେଉଁ ଶତାବ୍ଦି ଅନ୍ଧାର ତଳେ, କେଉଁ ପଲ୍ଲୀର କୁଟୀରେ ବଞ୍ଚଶି ତମେ
କେଉଁଠି ନଭିଲ, ଆପଣା ଟିକକ ଫୁଟାଇ ଫୁଟାଇ
କଏ ତ ଜାଣିନ ଦୁନଆରେ ଆଜ ଜଣେ;
ଦେହ ଓ ମନର ଶକ୍ତ ସାଧନା ଅମିତ ସାହସ ବଳ
ଦେଇ ଗୁଲିଗଲ ପଲ୍ଲୀ-ବୁକୁରେ ଫୁଟାଇ କ ଅବା କନକର ଶତଦଳ
ଇଚ୍ଛା କରିନ କଏ ସେ ତୁମକୁ ଜାଣୁ
ଫୁଟିଉଠୁ ତୁମ ଗଉରବ ଗୁରିଆଡ଼େ,
ଇଚ୍ଛା କରିନ ବଞ୍ଚି ରହିବା ପାଇଁ
ସ୍ମୃତିସ୍ତମ୍ଭର ଫଳକେ ବରାଜେ ବଡ଼ ବଡ଼ ବଡ଼ ଅକ୍ଷର ସମ୍ଭାରେ ।
ବଂଶ ତୁମର ଧ୍ୱଂସ ହୋଇଚ, ଚିହ୍ନ ତୁମର ନାଇଁ,
କେଉଁ ବିସ୍ମୃତି-କଳା ଅନ୍ଧାରେ ଛପି ଯାଇଅଛ କାହିଁ !
ତୁମର ବୀର୍ଯ୍ୟ ତୁମର ଶୌର୍ଯ୍ୟ ତୁମର ସାହସ ବଳ
ବଞ୍ଚି ରହିଚ ସୃଷ୍ଟିରେ ରଚ ଜୀବନ ଉର୍ଜ୍ଜ୍ୱଳ;
ନଖିଳ ଦୁନଆ କୋଟି ସମ୍ଭ୍ରମେ
ଚରଦ୍ଧନ ପାଇଁ ରହିବ ସବୁରେ ଗୁହିଁ,
ଜୀବନ ଯେଉଁଠି ଜୀବନ ଆଣିଚ କେବଳ ଜୀବନ ପାଇଁ !

ଗୋଳଦାସ ! ଗୋଳଦାସ !
ଦେଖିନ ତୁମରେ ଜାଣିନ ତୁମରେ
ଶୁଣିଚ ତୁମର ଧୈର୍ଯ୍ୟ ବିଭବଭରା ଜୀବନର ଇତିହାସ ! !

Digitized by srujanika@gmail.com

ହତଭାଗ୍ୟ ସେଇ

ମୁଁ ଯେ ଶ୍ରେଷ୍ଠ କବି ଜଣେ ନିଖିଳ ବିଶ୍ୱର
ଝରଣାର ସ୍ରୋତ ପରି ମୋ ଅନ୍ତର ତଳୁ
କବିତା ଆସଇ ଝରି ଢଳ ଢଳ ଧରି
ତହିଁରେ ମୋ ବକ୍ଷ ଉଠେ ଆନନ୍ଦରେ ଭରି ।
କବିତା ମୋ ଜୀବନର ଏକମାତ୍ର ବ୍ରତ
କବିତା ମୋ ଜୀବନର ପରମ ଆଧାର
କବିତା ଭିତରେ ମୁହିଁ ମୋ ଭିତରେ ସିଏ
ଅନନ୍ତ ଯୁଗରୁ ଛନ୍ଦ ରହିଅଛୁ କହେ !
ଏ ଜନମେ ଆର ଜନ୍ମେ ଶତ ଜନ୍ମ ପରେ
ଗାଉଥିବି ସାମାଗାନ କବିତା ମୁଁ କବି
କବିତାରୁ ସେ ଅମୃତ ପାଇବ ଧରାରେ
ସେଇ ମୋର କୋଟିନିଧି କାଳେ କାଳେ କାଳେ !!
ହତଭାଗ୍ୟ ନୁହେଁ ମୁହିଁ, ହତଭାଗ୍ୟ ସେଇ
କବିତାରେ ପ୍ରାଣକୁ ଯେ ଗଢ଼ି ନାହିଁ ନେଇ !

Digitized by srujanika@gmail.com

ଯେ ମାଟି କି ମଣିଷର ମାଟି !

ହୃଦୟ କବାଟ ଖୋଲି
ମଣିଷ ଯେଉଁଠି ହାସୁ !
ମଣିଷକୁ ଭଏ ନାହିଁ
ସେନେହ ସମ୍ଭାର,
ମଣିଷ ଉପରେ ଯହିଁ
ମଣିଷ କରଇ ନିତି
ଘୋର ଅତ୍ୟାଚାର,
ଯେଉଁଠାରେ ମଣିଷକୁ
ଏ ମଣିଷ ଘୃଣାକରେ
ଅବଜ୍ଞାର ଦୃଷ୍ଟି ଢାଳି
ଚାହେଁ ବାର ବାର,
ଯେ ମାଟି କି ମଣିଷର ମାଟି!

ପୃଥିବୀକୁ ଗ୍ରାସିବାକୁ
ଲେଲିହାନ ଜିହ୍ୱା ମେଲି
ଯେଉଁଠି ମଣିଷ କରେ—
ଶତ ଷଡ଼ଯନ୍ତ୍ର
ହତ୍ୟାରେ ଆନନ୍ଦ ଯହିଁ
ଦେଖଇ ମଣିଷ
ଗୁଳି ବୋମା
ବନ୍ଧୁକ କମାଣ,
ମଣିଷ ଯେଉଁଠି ଚାଲେ
ଆଟୋପ ସମ୍ଭାରେ,

Digitized by srujanika@gmail.com

ଆତଙ୍କର ଗ୍ଲୁପ୍ସା ଯନ୍ତ୍ରିଁ
ଘେର ରହିଥାଏ ଘୂରଆଡ଼େ
ସେ ମାଟି କ ମଣିଷର ମାଟି ?

ଜଣେ ଯନ୍ତ୍ରିଁ ଖାଏ ବସି
ମନ ବୋଧ କରି,
ଅନ୍ୟ ଜଣେ ରହିଥାଏ ଘୃଣ୍ଣିଁ;
ନିଚଳ ସଉଧେ ଯନ୍ତ୍ରିଁ
ଜଣେ ରହେ ବିଦ୍ୟୁତ ଆଲୋକେ
ଆମୋଦ ପ୍ରମୋଦ ଆଉ
ସଙ୍ଗୀତର ରଙ୍ଗିନ୍ ଉତ୍ସବେ,
ଆନ ଜଣେ
କପାଳ ଆଦରି
ଭଙ୍ଗା କୁଡ଼ିଆରେ ତାର
ରହିଥାଏ
ଶୀତ ଖରା ବର୍ଷା ସହି
ବର୍ଷ ବର୍ଷ ଧରି,
କପର ରହିବୁ ବୋଲି
ତାରେ କେହି ପଚ୍ଛରେ ନ
ନିମିଷକ ପାଇଁ,
ବରଂ ତା'ର
ସମ୍ମୁଖେ ମଣିଷ
ବକ୍ଷ ଠେକ ଫୁଲଥାଏ
ଆପଣାର ଗୌରବ ଦେଖାଇ
ସେ ମାଟି କ ମଣିଷର ମାଟି !

ବେଦନା ଅଭାବ ଦୁଃଖ
ମଣିଷର ବୁକୁ ତଳେ
ଯେବେ ବହି ବହି ଯାଏ

Digitized by srujanika@gmail.com

ପ୍ରଳୟର ଝଡ଼ ପରି
ଦିନ ଦିନ ଧରି,
ଭକ୍ତ ଯେବେ ଲାଗେ ତା'ରେ
ମହା ବସୁନ୍ଧରା,
ପ୍ରାଣ ଖୋଲି
କାହାକୁ କହିବ ତା'ର
ଅନ୍ତର ଦଇନ ?
ଗୋଡ଼ ଖଙ୍କି ଠିଆ ହୁଏ
ଲବେ ଆଶା ଆଶ୍ରା ପାଇବାକୁ
କାହା ଦ୍ୱାରେ ଯାଇ,
ସେଠି ଯେବେ ଶୁଣେ ସେହୁ
କଟୁ ଭକ୍ତ ବାଣୀ,
ମହା ବସୁନ୍ଧରା ପରେ—
ଅଛି ତା'ର ଅନୁଭୂତି
ଅଛି ତା'ର ଜୀବନର ମାନ
ଅଛି ତା'ର ଦାବୀ ଅଧିକାର
ମଣିଷଠୁ ପାଇବାକୁ
ମଣିଷର ମଧୁବୋଳା—
ପୁଣ୍ୟ ବ୍ୟବହାର,
ତା'ରେ ଯନ୍ଧ
ଧରଣୀ ଧୂଳିର
କ୍ଷୁଦ୍ର ପୋକ ମାଛି ପରି
ଦୂରେ ଦୂରେ
ଦିଅ ତୁମ୍ଭେ ତଡ଼ି,
ଯେ ମାଟି ଉପରେ ଚୁଲେ
ଏଇ ଶତ ନଦାରୁଣ ଲୀଳା
ଯେ ମାଟି କି ମଣିଷର ମାଟି !

Digitized by srujanika@gmail.com

ସ୍ୱାଧୀନତା

ଧରଣୀରେ ରହେ ମୁହିଁ
ସୀମାହୀନ ରାଜଭୋଗ ତଳେ ।
ଅଭାବର କଷାଘାତ
ନ ପରଶୁ ମୋରେ ହେଲେ ଥରେ,
ହେମ ହର୍ମ୍ୟ କୋଳେ ଥାଏ
ଐଶ୍ୱର୍ଯ୍ୟର ମଧୁସ୍ପର୍ଶ ଲଭି !
ଗୋଲାପ ଶଯ୍ୟାରେ ଡଳି
ଦେଖୁଥାଏ ଶତ ସ୍ୱପ୍ନ ଛବି
ଦୁଃଖ ଦାରିଦ୍ର୍ୟର ଯେ ଯେ
ମର୍ମନ୍ତୁଦ ଶତ ନିଷ୍ପେଷଣ
ନ ଭୋଗି ଜୀବନେ ଲବେ
ବିତିଯାଉ ମୋର ପ୍ରତିକ୍ଷଣ
ଏ ସବୁ ଭିତରେ କିନ୍ତୁ
ଯେବେ ନାହିଁ ମୋର ସ୍ୱାଧୀନତା
କେମନ୍ତେ କହିବ ମୋର ଜୀବନରେ
ଅଛି ସାର୍ଥକତା ? ?
ସବୁ ଥାଇ ଯେବେ ମୁହିଁ
ଦାସତ୍ୱର ନିବିଡ଼ ଶୃଙ୍ଖଳେ
ବନ୍ଧା ହୋଇ ପଡ଼ିଥିବ
ଯେତେ ଯାହା ବୁକୁତଳେ
—ଫୁଟାଇ ପାରିବ ନାହିଁ
ରୁହୁଁଥିବ କା ଆଦେଶ ପ୍ରତି,

Digitized by srujanika@gmail.com

ଆକାଶର ମୁକ୍ତ ପକ୍ଷୀ ସମ
ପାରିବନ କରି ଅଗ୍ରଗତି,
କୁସୁମର ଗନ୍ଧ ପରି
ଯିବ ନାହିଁ ଭାସି ସ୍ୱରଆଡ଼େ,
ଚତୁର୍ଦ୍ଦିଗେ ମୋର ଯେବେ
ରହିଥିବ ଶତ ବଜ୍ରବାଡ଼,
ପାଦେ ମାତ୍ର ଯିବାପାଇଁ
ଯେବେ ଲକ୍ଷ ପାଦ ଧରିହେବ,
ଧିକ୍ ଧିକ୍ ମୋ ଐଶ୍ୱର୍ଯ୍ୟ
କାହିଁ ତହିଁ ବିରାଟ ଗୌରବ ?
ଦରିଦ୍ର କୁଟୀର ତଳେ
ବସିଥାଏ କୁଶ ଶଯ୍ୟା ପାରି,
ଦାରିଦ୍ର୍ୟର କଷାଘାତେ
ରହେ କେବେ ହୋଇ ଅନାହାରୀ,
ନ ପଚ୍ଛରୁ କେହି ମୋରେ
ନ ଥାଉ ମୋ ଭୋଗ ଆଡ଼ମ୍ବର
ପଦ୍ମର ଯୁଗଳୁ ଯେବେ ଛିଣ୍ଡି ଅଛି
—ଦାସତ୍ୱ ଶୃଙ୍ଖଳ ।

ମୁକ୍ତ ନୀଳାମ୍ବର ପରି
ଯେବେ ମୁହିଁ
ପୂର୍ଣ୍ଣ ପ୍ରସାରିତ,
ପ୍ରାଣ ପ୍ରତି ତନ୍ତ୍ରୀ ତନ୍ତୁ ଫୁଟେ ଯେବେ
ସ୍ୱାଧୀନ ସଙ୍ଗୀତ—
ପବନ ମର୍ମର ପରି ଆପେ ଆପେ,
ବନ ବନ ଧରି,
କିଏ କହ ଭାଗ୍ୟବାନ ପୃଥିବୀରେ
ମୋହ ତହୁଁ ବଳି ?

Digitized by srujanika@gmail.com

ମୁକ୍ତିଁ ସ୍ପନ୍ଦେଁ ଧରା ପୃଷ୍ଠେ
ବଞ୍ଚିବଇଁ ସେ ଜୀବନ ଧରି
ଦାଉ ଦାଉ ଜଳୁଥିବ ଯାହା
ଆକାଶର ଶତ ସୂର୍ଯ୍ୟ ପରି;
ଅଗ୍ନି ଶିଖା ସମ ଯେହୁ
କାଳ କାଳ ହେବ ଊର୍ଦ୍ଧ୍ୱଗାମୀ
ଅନନ୍ତ ପ୍ରେରଣା ବହ୍ନି
ବୁକୁ ତଳେ ତଳେ ଦିବାଯାମୀ
—ଉତିବ ନ ଅତିବ ନ
ରହିଥିବ ଶୁଦ୍ଧ ସତ୍ୟ ସମ
ପୃଥିବୀରେ ଅନନ୍ତ ଜନମେ
କରୁଥିବ ନତ୍ୟ ବିଚରଣ!
ଏଭଳି ଜୀବନେ ଅଛି
ସେ ତ ଗର୍ବ ଶତ ଗଉରବ
ଯେଉଁଠାରେ ସ୍ୱାଧୀନତା
ସେଇଠି ଏଇ ଜୀବନ ସମ୍ଭବ ! ।

ମୋରେ ଯନ୍ଧ ଧରଣୀରେ
କେ ପଶ୍ଚରେ କସ ତୁମ୍ଭେ ସ୍ପନ୍ଦୁଁ ?
ସବୁ ଯାଉ, ଥାଉ ମୋର ସ୍ୱାଧୀନତା
ଏଇ ଅଭିପ୍ରାୟ—
ଜଳଦ ଗମ୍ଭୀର ସ୍ୱରେ
କହିବଇଁ ବାରବାର କରି
ସ୍ୱାଧୀନତାଠାରୁ ବଳି
ପୃଥିବୀରେ ନାଇଁ ଅବତରି,
ବିରାଟ ସମ୍ପଦ କିଛି ମଣିଷର ।
ସ୍ୱାଧୀନତା ଧରି
ମଣିଷ ସୃଜାର ସ୍ୱର୍ଗ
ପୃଥିବୀରେ ଯାଏନକ ଗଢ଼ି ?

Digitized by srujanika@gmail.com

ନିଜକୁ ଓ ଅପରକୁ
ଗୌରବେ ଫୁଟାଇବାର
ପାଏନିକି ପୂର୍ଣ୍ଣ ଅବକାଶ
ଦାସତ୍ୱ ଭିତରେ କାହିଁ
ଜୀବନର ମୋହନ ବିକାଶ ?

Digitized by srujanika@gmail.com